# ସମର୍ପଣ

ମହାପ୍ରଭୁଙ୍କୁ ...., ତାଙ୍କ ମାୟାକୁ, ତାଙ୍କ ପ୍ରେମକୁ, ପ୍ରାଣଘାତକ ପୀଡାକୁ, ଅହିଂସା ପ୍ରହାରକୁ ପ୍ରଣାମ, 'ଆଉ ହବୁନି' ଶବ୍ଦ ମହିମାକୁ ପ୍ରଣାମ, କୃପା କଟାକ୍ଷକୁ ପ୍ରଣାମ, 'ଦୟାକର କ୍ଷମାକର'ଏ ଶବ୍ଦଶରକୁ ପ୍ରଣାମ । ତାଙ୍କ ପାଦପଦ୍ମରେ ଶବ୍ଦଶିଳ୍ପୀର କୋଣାର୍କ, କୋଣାର୍କ ଶିଳ୍ପୀର ଶବ୍ଦ ସୁନ୍ଦର କଳାକୃତି "କଳିଙ୍ଗାଃ କାରୁବାକୀ" ଉପନ୍ୟାସର ଏ ସମର୍ପଣ । ସମର୍ପଣ ତାଙ୍କ ମାୟାକୁ, ମହାମାୟାକୁ, ମାୟା ମହିମାକୁ ପ୍ରଣାମ ।

ଧନ୍ୟ ମୁଁ ଦେଖିଛି, ପ୍ରୀତି ସାଧନରେ ବ୍ରତୀ, ପରମ କଲ୍ୟାଣମୟୀ, ପ୍ରଜ୍ଞା ପାରମିତା, ପ୍ରିୟତମା କାରୁବାକୀର ଆଖି, ଐଶ୍ୱର୍ଯ୍ୟ ଉଜ୍ଜ୍ୱଳ ଆଖି, ଉନ୍ମନା ଉନ୍ମୀଳିତ ଆଖି, ବୈଦୁର୍ଯ୍ୟ ବିଭବ ସେ ଆଖିରେ, ସ୍ୱର୍ଗ ବିଳାସ ସେ ଆଖିରେ, ଅମୃତ କଳସ ଆଖି, ସୂର୍ଯ୍ୟସ୍ନାତା ଚନ୍ଦ୍ରସ୍ନାତା ଆଖି, ସରସ ପ୍ରୀତିର ପ୍ରାଚୁର୍ଯ୍ୟ ସେ ଆଖିରେ, ଐଶୀ ଆନନ୍ଦର ଐଶ୍ୱର୍ଯ୍ୟ ସେ ଆଖିରେ, ଅପୂର୍ବ ମହକର ମାଧୁର୍ଯ୍ୟ ସେ ଆଖିରେ । ପ୍ରଣାମ ସେ ଆଖିକୁ । ପ୍ରୀତି ବିଭୋର ସେ ଆଖିରେ ଅମୃତ ଆଲୋକର ବର୍ଷା, ନଭଶ୍ଚୁମ୍ବୀ ସୃଜନ ସମ୍ଭାର, ଅଜସ୍ର ସ୍ୱପ୍ନର ଗନ୍ତାଘର, ଅତୀନ୍ଦ୍ରିୟ ଅନୁଭବରେ ଉତ୍କୀର୍ଣ୍ଣ । ଦେଖୁ ଦେଖୁ ମୁହୂ୍ର୍ତ୍ତେ ଉନ୍ମନା ହୋଇଯିବାର, ଚେତନାରେ ଉଦ୍‌ଘାଟିତ ହୋଇଯିବାର ଏକ ବାଙ୍‌ମୟ ଅନୁଭବ, ଯେମିତି ବଂଶୀଧ୍ୱନିର ବେପଥୁରେ ମିଳେଇ ଯିବାର ମହମହ ଅନୁଭବ, ମାନବ ତନୁରେ ମୋହାଚ୍ଛନ୍ନ ସ୍ୱପ୍ନାବିଷ୍ଟ ସାନ୍ଦ୍ର ଅନୁଭବ , ପ୍ରୀତି ଆହ୍ଲାଦିତ ଐଶ୍ୱର୍ଯ୍ୟମୟ ଅନୁଭବ, ପୁଣି ସେଇ ଆଖିରେ ଅଥଳ ଅଶ୍ରୁ, ଅବରୁଦ୍ଧ ଅଶ୍ରୁଧାରା ଯେମିତି ସିନ୍ଧୁନଦୀର ଜଳହୋଇ ଭାରତ ମହାସାଗରରେ ମିଶୁଛି, ଗଙ୍ଗାନଦୀର ଜଳହୋଇ ହୋଇ କଳିଙ୍ଗ ସାଗରରେ ମିଶୁଛି, ମହୋଦଧି କୂଳରେ ଲହରି ପିଟୁଛି, ମହାପ୍ରଭୁଙ୍କ ପାଦପଦ୍ମରେ ନିମଜ୍ଜିତ ହୋଇ । ପ୍ରଣାମ ।

ଧନ୍ୟ ମୁଁ ଦେଖିଛି, ରସମୟ ଲାବଣ୍ୟର ନଈଭଳି କାବ୍ୟମୟ ଶ୍ୟାମଳ ସ୍ୱର୍ଣ୍ଣିମ ଦେହ, କନକ ଚମ୍ପା ଦେହ, ହିରଣ୍ମୟ ଲାବଣ୍ୟ ଦେହ, ଦିବ୍ୟ ଦେହ, ଦିବ୍ୟ ସୁନ୍ଦର ଦେହ, ସ୍ୱର୍ଗ ସୁନ୍ଦରୀ ଦେହ, ଭୂସ୍ୱର୍ଗ ସୁନ୍ଦରୀ ଦେହ, ଦେବକନ୍ୟାର ଦେହ, ଦିଗାଙ୍ଗନାର ଦେହ, ଅମୃତ କଳସ ଦେହ, ସ୍ୱର୍ଣ୍ଣଶଙ୍ଖର ଦେହ, ସ୍ୱର୍ଣ୍ଣ ଚମ୍ପାର ଦେହ, ସ୍ୱର୍ଣ୍ଣପ୍ରଭାର ଦେହ, ଲାବଣ୍ୟ ଉଜ୍ଜ୍ୱଳ ଦେହ, ପୁଷ୍ପିତ ଯୌବନର ଦେହ, ଲାବଣ୍ୟ ତରଙ୍ଗର ଦେହ, ଶ୍ୟାମଳ ସ୍ୱର୍ଣ୍ଣାଭ ଦେହ, ସଦ୍ୟ ଫୁଟନ୍ତା ପଦ୍ମପ୍ରଭାର ଦେହ, କନକ କବିତା ଦେହ, କନକ ପ୍ରଭାତ ଦେହ, କନକ ଚମ୍ପାର ଦେହ, କାବ୍ୟଲୋକର ଦେହ, ସପ୍ତ ଋତୁର ଦେହ, ବହୁଭୂମିର ଦେହ, ସେ ଦେହର ଦେବୀ, ପୂଜାରିଣୀ ସେ। ପ୍ରଣାମ ସେ ଦେହକୁ ତାର ଦିବ୍ୟ ବିଭବକୁ, ଦିବ୍ୟ ଲାବଣ୍ୟକୁ, ଭବ୍ୟ ଐଶ୍ୱର୍ଯ୍ୟକୁ..... । ପ୍ରଣାମ ।

ଧନ୍ୟ ମୁଁ ଦେଖିଛି, ସ୍ୱର୍ଣ୍ଣଶଙ୍ଖ ପରି ସୁନ୍ଦର, ଚିକକ୍ଣ ଦୁଇ ସ୍ତନପଦ୍ମର ନୀରବ, ନୈସର୍ଗିକ ଶୋଭା ସତେ ଯେମିତି ସହସ୍ର ସ୍ଥଳପଦ୍ମର ଗୋଲାପ କନକ ରଙ୍ଗ ଢ଼ାଳି ସ୍ୱକୀୟ ଲାବଣ୍ୟ ମହିମାକୁ ପଢୁଥିଲା ମହାକାବ୍ୟ ଭଳି । ପ୍ରଣାମ ସ୍ରଷ୍ଟାକୁ ତାର ସୃଜନ ସ୍ୱର୍ଗକୁ, ଧନ୍ୟ ତାର କଳ୍ପନା, ତାର ଶକ୍ତି, ତାର ପରାକାଷ୍ଠା, ନବ ନବ ସୃଜନ ସ୍ୱପ୍ନରେ ଅଭିଷିକ୍ତ, ବିଭୋର ଶିଳ୍ପୀର ସ୍ପର୍ଦ୍ଧା ଏ, ଚନ୍ଦ୍ର ମଣ୍ଡଳର କୋମଳ ଲାବଣ୍ୟପରି ଲୋଭନୀୟ ଐଶ୍ୱର୍ଯ୍ୟମୟ ସ୍ତନପଦ୍ମର  ସ୍ୱର୍ଗ ସୁଷମା । ଏମିତି କଳ୍ପନା କଣ କରିପାରେ ଧରାଶିଳ୍ପୀ ? ନା ନିଶ୍ଚୟ ଏ ଦେବଶିଳ୍ପୀର କରିସ୍ମା, କାରୁକାର୍ଯ୍ୟ, କଳାକୃତି। ଚମତ୍କାର କୋନ୍ ଭଳି ନିଖୁଣ କୋମଳ, କମନୀୟ ଲୋଭନୀୟ । ଆନନ୍ଦର ଗନ୍ତାଘର ଏ, ଐଶ୍ୱର୍ଯ୍ୟର ଗନ୍ତାଘର ଏ, ଦେଖୁ ଦେଖୁ ମୁହୂ□ଅଟକି ଯାଏ ଆଖି, ପହଁରୁଥାଏ ଯେ ପବନରେ ପବନରେ, ଢ଼ଳଢ଼ଳ ପାଚିଲା କମଳା ଦୁଇ ତୋଳି ଧରିବାରେ, ଗଡନ୍ତା ବେଲ ଉପରେ ନେଶିହୋଇ ଯିବାର, ବସି ରହିବାର ଅସଫଳ, ଆନନ୍ଦମୟ ଅନୁଭବ ଏ, ମହମହ ମୁଗ୍ଧ  ମିଠାସ୍ ଅନୁଭବ ଏ, ଆନନ୍ଦ ଉଜ୍ଜଳ ଅନୁଭବ, ପ୍ରଣାମ ।

ଧନ୍ୟ ଈଶ୍ୱର, ହଠାତ୍ ଦିନେ ମୋର ଆଖି ଦୁଇଟା ସହିତ ଏକାଠି କରିଦେଲେ ଆଉ ଦୁଇଟା ଆଖି, ଗୋଟେ କିଶୋରୀର ଆଖି, ତରୁଣୀର ଆଖି, ଲାବଣ୍ୟ କଜଳରେ ଅଭିଷିକ୍ତ ଉଜ୍ଜ୍ୱଳ ଅନୁପମ ଆଖି, ସେ ଆଖିର ଭ୍ରୂଲତା ଗଡ ଜିଣିଲା ଭଳି କି ଦୁର୍ବାର ସତେ ? ରହସ୍ୟ ରୋମାଞ୍ଚପୂର୍ଣ୍ଣ, ଘନକୃଷ୍ଣ ସେଇ ଘନ□ଭ୍ରୂଲତା  ଦେଖିଲେ ଯେ କେହି ସ୍ତମ୍ଭୀଭୂତ ହୋଇଯିବ । କଠିନ ଗଦ୍ୟଖଣ୍ଡ ଭଳି, କୋମଳ ମେଘଖଣ୍ଡ ଭଳି  ଦୁଇ ଭ୍ରୂଲତା, ଦେବଶିଳ୍ପୀର କଳାତ୍ମକ ସୃଜନୀ  ଅତୁଳ ସୌନ୍ଦର୍ଯ୍ୟର ଅଧିକାରୀ ଥିଲା । କୃଷ୍ଣଭ୍ରମର ର ଭ୍ରମ ସୃଷ୍ଟି କରୁଥିଲା, କେବେ କଳାଘୁମର ଅକାତକାତ ପାଣି ଉପରେ କଳା ମେଘର ମାୟା ସୃଜିଥିଲା, କେବେ  ବର୍ଷୁଥିଲା ଅବିଶ୍ରାନ୍ତ ତୁହାକୁ ତୁହା, ପୁଣି କେବେ ବର୍ଷିବ ବର୍ଷିବ ବୋଲି ମତେ  ବାନ୍ଧି ରଖିଥଲା ଘଣ୍ଟାଘଣ୍ଟା ଧରି, ଉଚ୍ଚାଟିତ କରି । ମୁଁ ଅନେଇ ରହିଥିଲି ଅନନ୍ତ ସୁନ୍ଦର ଆବେଗରେ, ପ୍ରୀତି କୋମଳ ଆକର୍ଷଣରେ, ପରମ ସମର୍ପଣରେ, ସତେ କି ମହାଭାଗ୍ୟ ଥିଲା ମୋର । ଧନ୍ୟ ମୁଁ ଧନ୍ୟ ସେ । ମୁଁ ଜାଣିନଥିଲି ବହୁରୂପୀ  ଚତୁରଙ୍ଗ ମାୟା କେମିତି ମତେ ତାର ମାୟାଜାଲରେ ମନ୍ତ୍ରମୁଗ୍ଧ କରିବାକୁ ମାୟାମୃଗ ସୃଜିଥିଲା, ମତେ ମାତ୍ ଦେବାକୁ ପଲକମାତ୍ରେ,  ଚକ୍ମା ଦେବାକୁ  ଚମକ ମାତ୍ରେ। ମହର୍ଷି ଦୁର୍ବାସା ଗର୍ଜିଲାଭଳି ମୁଁ ମୂଢ଼, ମୂର୍ଖ ତ ନୁହଁ ମହାମୂର୍ଖ, ଅବୋଧ୍ୟ କାହୁଁ ବୁଝିବି ? ସେ ରହସ୍ୟକୁ ସେଯେ ଗୋଟାପଣେ ରହସ୍ୟମୟ ପୁଣି ରସମୟ ଯାହାକୁ ଅନେଇ ରହିବାରେ ମୋତେ ମହାସୁଖ ମିଳୁଥିଲା, ପାଣି ଭିତରେ ମାଛ ଖେଳିଲା ଭଳି, ପବନରେ ଫୁଲ ଖେଳିଲା ଭଳି, ଆଃ ମୋ ଚେତନାରେ ମୁଁ କି ଚମତ୍କାର ଭାବେ ଖେଳୁଥିଲି, ବୋଧେ ସମୟ ସ୍ଥିର ହୋଇଯାଇଥିଲା, ମହାକାଳ ମନ୍ତ୍ରମୁଗ୍ଧ ହୋଇ ଦେଖୁଥିଲା ମତେ । କିନ୍ତୁ ମୋ ଦେଖିବାରେ ବିରାମ ନ ଥିଲା, ଅବିରାମ ମୁଁ ଆନନ୍ଦ ପାନ କରୁଥିଲି ମହାଆନନ୍ଦରେ ଉନ୍ମନା ହୋଇ ।

ଆହା କି ସରସ ଆନନ୍ଦ ରସ । ଦେଇଛି ଯେ ଥରେ ପ୍ରୀତି ଲାବଣ୍ୟରେ ଝାସ। ହଳାହଳ ବିଷ ହରିବାକୁ ମାୟା । କି ମିଠା ବୋଳିଛି ଦେଖୁ ଦେଖୁ ବାୟା । ଦେଖି ନ ଥିଲି କି କିଶୋରୀ ଙ୍କ ଆଖି ? କୋମଳ କୁସୁମ ଲାବଣ୍ୟରେ ଲାଖି । ଦେଖୁ ଦେଖୁ ସେଇ କିଶୋରୀ ଭ୍ରୁଲତା । ଜାଣେନି କେମିତି ମୂର୍ଚ୍ଛିତ ହେଲି ମୁଁ ପ୍ରୀତି ମୂର୍ଚ୍ଛନାରେ, ହଜିଗଲା ମୋର ଚିତ ବୃତି ଚେତା । ପ୍ରଣାମ । ପ୍ରଣାମ । ରାବଣ ଯେମିତି ହରିନେଲା ସୀତା ସ୍ୱର୍ଣ୍ଣରଥେ ଧରି ପାରିଲେନି ରାମ ଜାଣି । ସେହି ରୂପେ ମତେ ହରିନେଲା କ୍ଷଣେ କିଏ ବା ଜାଣିବ ? ଆତ୍ମାରାମ ହୃଦେ ହେଉଥିଲେ ହାଣି । ନିତି ଦେଖୁଥିଲି ଯାହାକୁ ନୀରବେ ସହି ତାର ଛଟା କରୁଥିଲି ନମସ୍କାର, ଜାଣିଲେ। ନିକମ୍ମା ଇଏ କି ଉଠିବ ବାଟବଣା ବିଧି ବୁଦ୍ଧି ପଇଲା କି ଦେଖି ତାର ନୂଆ ଫେର । ରଣକ୍ଷେତ୍ରେ ହାରି ଦିନେ ସେ ତରୁଣୀ ଫେରିଲା ମୋ ପାଶେ ରଣ ବେଶଧରି । କହିଲା ଆଜି ମୁଁ ମରିବି ନିଶ୍ଚୟ କି'ଭାବେ ଦୁଃଖରେ ଥରିଥରି ହାତଧରି । ମୁହୂ□ ଦୁର୍ବଳ ପାଇଲା କି ପ୍ରାଣ, କହିଲା କଠିନ ପଣେ, ଚାହାଁ ମୋ ମୁହଁକୁ କ୍ଷଣେ । ଯେତେ ଯାହା ହେଉ 'ହାରନି ଜୀବନ' ଏ ଅମୂଲ୍ୟ ରତନ, ମୋ ବିନା ଅଧିକ କିଏ'ବା ଜାଣେ। ମୋର ମୁହଁ ଚାହିଁ ବ□ରହିବାକୁ ଦେଲି ମୋ ପରାଣ ରାଣ । ମୁହୂ□କି ଯାଦୁ ଥିଲା ମୋ ମୁହଁରେ, କ୍ଷଣେ ଆଚମ୍ବିତ ଦେଖି, ତାର ଗଡ ଜିଣିବାର ଟାଣ ।

ମାଂସ ପିତୁଳାର ସ୍ୱୟମ୍ବର ଲାଗି ଯୌବନରେ ଲେଖିଥିଲି ପ୍ରେମ ଚିଠି । ପଠାଇ ଥିଲି ପ୍ରୀତି ପୀଡାରୁ ମୁକ୍ତି ପାଇଁ ସାମ୍ଭାଳି ନପାରି । ମୁଁ ଚଣ୍ଡାଳ କଣ ଜାଣିଥିଲି ? ତାହା ଯେ ସେହି ଅସହ୍ୟ ପୀଡାରୁ ମୁକ୍ତିପାଇଁ ନୁହେଁ ବରଂ ସେଇ ପୀଡା ଜୀବନସାରା ବୋହିବାକୁ ଉଦ୍ଦିଷ୍ଟ ଥିଲା । ସମୟ ସବୁ ଜାଣିଥିଲା । ଭାଗ୍ୟ ମୋ ଆଗେ ଆଗେ ଚାଲୁଥିଲା ମୌନହୋଇ । ଭାଗ୍ୟପଛରେ ମୁଁ ଏକଥା ଭାବି ପାରୁନଥିଲି । ଯୌବନର ଫୁଲଫୁଟା ବୟସରେ ମୁଁ ମହକୁଥିଲି, ମହକୁଥିଲି ମହାଭାବରେ ପ୍ରୀତିବିଭୋର ହୋଇ । ଶୁଣିଥିଲି ପ୍ରୀତି କଣ, ପ୍ରୀତି ପୀଡା କଣ, ବିରହ କଣ, ବିଚ୍ଛେଦ କଣ, ମିଳନ ଅଶ୍ରୁ ଅଭିମାନ ଶବ୍ଦସବୁ । ଭାଗ୍ୟକୁ ଏସବୁ ଅଙ୍ଗେ ନିଭେଇଥିଲି । ମୋ ପଞ୍ଚଞ୍ଚ ଇନ୍ଦ୍ରିୟରେ ଏସବୁ ଅପହଞ୍ଚଞ୍ଚ ଥିଲା । ଆଶ୍ଚର୍ଯ୍ୟ ଲାଗୁଥିଲା କେମିତି ବିଲ୍ୱମଙ୍ଗଳ ସାପ ଧରି ପାଚେରୀ ଡେଇଁଥିଲା ? ପୁଣି ଶ୍ରୀକୃଷ୍ଣ ଷଣ୍ଢ ଦୁହୁଁଥିଲେ ? ଶ୍ରୀରାଧା କ୍ଷୀର ହାଣ୍ଡି ମନ୍ଥୁଥିଲେ ? ସମାଜର କୂଳ ଲଘିଂଥିଲେ ? ବୋଧେ ବୁଝିପାର ବୟସ ହୋଇ ନଥିଲା । ହଠାତ୍ ଦିନେ ଇଶ୍ୱରଙ୍କ ଦୟା ହେଲା ଏ ଅଧମ ପ୍ରତି, ଚଣ୍ଡାଳ କହିଲେ କୃତ୍ୟକୃତ୍ୟ ହେବି ଯିଏ ମୋତେ ଗଢ଼ିଥିଲେ ନିଜ ଢ଼ଙ୍ଗରେ .... ।

ସମର୍ପଣ କୃପା କଟାକ୍ଷକୁ

ରାମାୟଣରେ, ମିଥୁନମଗ୍ନ କ୍ରୌଞ୍ଚ ଦମ୍ପତିଙ୍କର ଆକସ୍ମିକ ମୃତ୍ୟୁକାଳୀନ ଦୃଶ୍ୟ, ଘନ ଅରଣ୍ୟ କୋଳରେ, ସୂର୍ଯ୍ୟସ୍ନାତ ସବୁଜ ସ୍ୱପ୍ନଭୂମିରେ, କଳରବ ମୁଖରିତ କଳକଳ ନିନାଦିତ ଅନିନ୍ଦ୍ୟ ଶୋଭିତ ସୁରଭିତ ପୁଷ୍ପମୟ ପରିବେଶରେ, ନାନ୍ଦନିକ ସୁଖରେ ପ୍ରୀତି ଆହ୍ଲାଦିତ ମୁହୂର୍ତ୍ତରେ, ନିଷ୍ପ୍ରାଣ ନିଷାଦର

ରକ୍ତସ୍ନାତ ଶରରେ ବ୍ୟାଧ ହୃଦୟରେ ବର୍ବର ଆନନ୍ଦ ଖେଳିଗଲାବେଳେ, ଅଭେଦ୍ୟ ପ୍ରୀତି ବିଚ୍ଛେଦରେ, ଅଥୟ ମୃତ୍ୟୁ ଯନ୍ତ୍ରଣାରେ, ଛଟପଟ ପକ୍ଷୀ ହୃଦୟର ଦାରୁଣ ଯନ୍ତ୍ରଣା ବ୍ୟଥା ବେଦନା ଓ ଚିତ୍କାରରେ ଫାଟି ପଡୁଥିବା ବନଭୂମିକୁ , ତାର ଅଥଳ ଅଶ୍ରୁଳ ଅନୁଭବକୁ ଅଙ୍ଗେ ନିଭଉଥିଲେ ଅଦୂରରେ ଆଉ ଜଣେ ବ୍ୟାଧ, ଯିଏ ନିର୍ମମତାର ବାଟ ଭୁଲି ଧର୍ମର ସନ୍ଧାନ ଲାଗି ସେଠାରେ 'ମରାମରା ମରାମରା'... ମହାମନ୍ତ୍ର ଜପୁଥିଲେ, ନିଜ କୃତକର୍ମରେ ଅନୁତପ୍ତ ହୋଇ, ସଂସାର ଛାଡି ସନ୍ନ୍ୟାସୀ ହୋଇ । ପ୍ରୀତିପ୍ରାଣର ପରମ ସମର୍ପିତ ମୁହୂର୍ତ୍ତରେ ମୃତ୍ୟୁକାଳୀନ ସେଇ ଦୃଶ୍ୟ ଛବି, ଶବ୍ଦଶକ୍ତିର ପୀଡା ଓ ପ୍ରହାର ଏତେ ପ୍ରଚଣ୍ଡ ଥିଲା ଭୟାବହ ଭୂମିକମ୍ପ ଭଳି, ବଜ୍ରମୟ ବିସ୍ଫୋରଣ ଭଳି, ଯାହାର ପ୍ରଭାବରେ ଫାଟି ପଡୁଥିଲା ତାଙ୍କର କଠୋର ପ୍ରାଣ, ପ୍ରାଣ ଫଟେଇ ଝରୁଥିଲା ନୟନ ପଟଳରୁ ଅବିରତ ଅଶ୍ରୁଧାରା, ଓଠରେ 'ଆଃହା...' 'କଣ କଲାରେ ଚଣ୍ଡାଳ' ଅଭିଶାପ ଦେବେ କଣ ଥରିଥରି କହୁଥିଲେ 'ହେ ରାମ କ୍ଷମାକର' । ସ୍ୱତଃସ୍ଫୂର୍ତ୍ତ ଶବ୍ଦସବୁ ଝରୁଥିଲା, ପଥର ପ୍ରାଣ ଫଟେଇ ଝରିଆସୁଥିଲା ପ୍ରୀତିଧାରା, କରୁଣା ଆଉ ଦୟାର ଦିବ୍ୟଧାରା । ଚରମ ଦୁଃଖ ଓ ଦୟାର ନିବିଡ ଅନୁଭବରେ ଅଶ୍ରୁ-ଉଚ୍ଛଳ କରୁଣା-କମ୍ପିତ ପ୍ରାଣ ତାଙ୍କର ହଠାତ୍ ନିଜକୁ ଚମତ୍କୃତ କରି ଝରୁଥିଲା କବିତା କବିତା ହୋଇ । ଯିଏ ଶବ୍ଦଟିଏ, ରାମ ଶବ୍ଦଟିଏ ଉଚ୍ଚାରଣ କରିବାକୁ ଅକ୍ଷମ ହଠାତ୍ ଚକିତ ହୋଇଥିଲା କବିପ୍ରାଣର ଦିବ୍ୟ କୋମଳ ସ୍ପର୍ଶରେ । କ୍ଷଣିକେ ପାଲଟି ଯାଇଥିଲା ଶବ୍ଦଶିଳ୍ପୀ, ମହାନ୍ କାଳଜୟୀ ଶବ୍ଦଶିଳ୍ପୀ, ମହାକାବ୍ୟର କାଳଜୟୀ କବି, ଶିଳ୍ପୀ ମହାତ୍ମା ବାଲ୍ମୀକି । ଅପଖ୍ୟାତ 'ଦସ୍ୟୁ ରତ୍ନାକର'ରୁ ଯିଏ ଅକସ୍ମାତ୍ ପରିବର୍ତ୍ତିତ ହୋଇଥିଲେ ନିଜର ନୂଆ ପରିଚୟରେ ବାଲ୍ମିକୀ 'ଋଷିକବି' ନାମରେ । ପ୍ରଣାମ । ଯାହାକୁ ପ୍ରତକ୍ଷ୍ୟ କରୁଥିଲେ ସ୍ୱୟଂ ସ୍ରଷ୍ଟା, ଯେଉଁ ଅନୁଭବରେ ମନ୍ତ୍ରମୁଗ୍ଧ ମହାକାଳ, ପ୍ରୀତିତୀର୍ଥ ସେଇ ବନଭୂମି ଯେଉଁଠି ପବିତ୍ର ପ୍ରୀତିର, ଦୟା କରୁଣାର ପ୍ରତିଧ୍ୱନି ଶୁଭୁଥିଲା, ମାଟି ଆକାଶ ପବନ ଆଲୋକ ସେଇ ପ୍ରୀତିପ୍ରାଣକୁ ଚୁମ୍ବୁଥିଲା, କଳ୍ପଲୋକରୁ କାବ୍ୟିକ ଉତରଣ ଯେମିତି ତାଙ୍କ ପ୍ରାଣ କନ୍ଦରରେ ଧସେଇ ପଶିଥିଲା ହିରଣ୍ମୟ ଆଲୋକରେ ଉଦ୍ଭାସିତ ଶିଳା କଠିନ ନିଷ୍କରୁଣ ନିଷ୍ଠୁର ପ୍ରାଣକୁ ଧ୍ୱଂସ ବିଧ୍ୱଂସ କରି, ଭାବିଲେ ବିସ୍ମିତ ଲାଗୁଛି । ପ୍ରୀତିଶକ୍ତିର ପୀଡା ଓ ପ୍ରହାରକୁ ଯିଏ ଜୀବନରେ ପ୍ରତକ୍ଷ୍ୟ କରିଛି, ଅଙ୍ଗେ ନିଭେଇଛି ତାର ରୂପାନ୍ତର ଅସମ୍ଭବ ନୁହେଁ । ପଙ୍କରୁ ପଦ୍ମ ଫୁଟିଲା ଭଳି, ମେଘରେ ବିଜୁଳି ଖେଳିଲାଭଳି, ପାହଡରୁ ଝରଣା ଝରିଲା ଭଳି, ଅବିଶ୍ୱସନୀୟ ସତ୍ୟ ଅନୁଭବ ଏ। ପ୍ରଣାମ । ସତେ ଅବା ପ୍ରୀତି ବିଚ୍ଛେଦର ପରମ ବ୍ୟଥା ଗୋଟେ ମହାକାବ୍ୟକୁ ଜନ୍ମ ଦେଇଥିଲା କାଳକାଳ ଲାଗି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ, ଅଲିଭା ଉଜ୍ଜ୍ୱଳ ଆଲୋକ ସ୍ତମ୍ଭ ହୋଇ । ପ୍ରଣାମ । ଯିଏ ପ୍ରୀତି ବିରହ କଳ୍ପନାରେ ଏତେ ମର୍ମାହତ ହୋଇଥିଲେ ସିଏ ପ୍ରୀତିରେ ପଡିଥିଲେ, ପ୍ରୀତି ପୀଡାକୁ ବୋହିଥିଲେ , ପ୍ରୀତି ବିରହକୁ ସହିଥିଲେ, ମାନବ ତନୁକୁ ସମ୍ଭାଳି ରହିଥାନ୍ତେ କେମିତି ? ଏତେ କୋମଳ ହେଲେ କେମିତି ? ଏତେ କୋମଳତା ଆଣିଦେଲା କିଏ ? ନିଶ୍ଚୟ ପ୍ରୀତି ଏ , ପ୍ରୀତି କୋମଳ କଳା ଏ , କୋମଳ କମଳ ଅନୁଭବ ଏ, ଦୁର୍ଦ୍ଧର୍ଷ ଦୁର୍ଦ୍ଦାନ୍ତ,

ପଥର ପ୍ରାଣର ତୁଳା କୋମଳ, ମେଘ କୋମଳ, ପଦ୍ମ କୋମଳ କମନୀୟ ରୂପାନ୍ତର ଯେ ସମ୍ଭବ, ଏଇ ତ ଆଲୌକିକତା ଇଶ୍ୱରୀୟ ଅନୁଭବ, ଗୋଟେ ମୁଗ୍ଧମୁଗ୍ଧ ଅନୁଭବ । କିଛି ଅସମ୍ଭବ ନୁହେଁ ଏଇ ସତ୍ୟର ଉଦ୍‌ଘୋଷକ ଏ .... । ପ୍ରଣାମ । ବ୍ୟାଧ ହୃଦୟରେ ପ୍ରୀତିର ସର୍ଜନା ସରସ ପ୍ରୀତିର ସୁଧା, ବିରହ ପ୍ରୀତିର ଲୁହ ଯେ ପିଇଛି, ପୀଡା ଯେ ସହିଛି, ଧନ୍ୟ ହୋଇଛି ସେ ତା'ର ଆଉ କିସ ଲୋଡା ? ତା'ର ଆଉ କିସ ଲୋଡା ? ପ୍ରଣାମ ।

କାବ୍ୟମୟ ମହାକାବ୍ୟ ରାମାୟଣରେ ଏହି ଘଟଣାର ସ୍ଥାନ ନାହିଁ ସତ କିନ୍ତୁ ସେ ଶ୍ରଦ୍ଧାର ସହିତ ଏହାକୁ ସ୍ଥାନ ଦେଇଛନ୍ତି ଆଦ୍ୟରେ କାରଣ ଏହା ଯେ ସେହି ମହାକାବ୍ୟର ଜନ୍ମଦାତ୍ରୀ । ସେହି ଘଟଣା ତାଙ୍କୁ ଶବ୍ଦଶିଳ୍ପୀର ସ୍ୱୀକୃତି ଦେଇଛି । ଅସ୍ୱୀକାର୍ଯ୍ୟ, ତାହାକୁ ଛାଡି ରାମାୟଣ ଅସମ୍ପୂର୍ଣ୍ଣ ନିଶ୍ଚୟ । ଆଃ କି ଚମତ୍କାର ଅନୁଭବ ପ୍ରୀତିର, କବିତାର ମନ୍ତ୍ର ଫୁଙ୍କୁଛି ପ୍ରୀତି, ମହାକାବ୍ୟକୁ ଜନ୍ମ ଦେଇଛି ପ୍ରୀତି, ମହାକାଳକୁ ମୁଗ୍ଧ କରୁଛି ପ୍ରୀତି, ମାନବ ପ୍ରାଣକୁ ଚକିତ କରୁଛି ପ୍ରୀତି, ଶିଳ୍ପୀପ୍ରାଣରେ ଶବ୍ଦ ତୋଳୁଛି ପ୍ରୀତି, ନବ ସର୍ଜନାରେ ମଗ୍ନ ମୋହିତ ପ୍ରୀତି, ସକଳ ପ୍ରାଣରେ ପଦ୍ମ ଫୁଟାଇ ନିବିଡ ଲାଗୁଛି ପ୍ରୀତି । ପ୍ରଣାମ ପ୍ରୀତିକୁ ପ୍ରୀତିପଦ୍ମାକୁ ପ୍ରୀତି ହୃଦୟକୁ ପ୍ରୀତି ସାମର୍ଥ୍ୟକୁ, ଶିଳ୍ପୀକୁ ପ୍ରଣାମ । ପୁଣ୍ୟ ପ୍ରଣାମ । ପ୍ରୀତି କଳ୍ପନାର ଚରମ ଆନନ୍ଦ ଓ ପ୍ରୀତି ବିଚ୍ଛେଦ୍ୟର ଚରମ ପୀଡା ଓ ପ୍ରହାରରେ ଯିଏ ପ୍ରୀତିସିକ୍ତ ହୋଇଥିଲେ, ଅଶ୍ରୁସିକ୍ତ ହୋଇଥିଲେ, ଆଶାନ୍ୱିତ ହୋଇଥିଲେ, ସେଇ ପ୍ରୀତି ଅନ୍ୱେଷାର ରସମୟ କବି ସ୍ୱର୍ଣ୍ଣସନ୍ଧାନୀ ପ୍ରୀତିପ୍ରାଣର ଅପୂର୍ବ ବିନ୍ଧାଣୀଙ୍କୁ ପ୍ରୀତିର ପୁଷ୍ପିତ ଉପହାର ଏ ହୃଦୟ, ଏ ମନ, ଆତ୍ମାର ଅପୂର୍ବ ଉପହାର । ପ୍ରଣାମ । ଏହି ଉପନ୍ୟାସରେ ଅନେକ ଘଟଣାର ସ୍ଥାନ ନାହିଁ ସତ କିନ୍ତୁ ଶ୍ରଦ୍ଧାର ସହିତ ଏହାକୁ ସ୍ଥାନ ଦେଇଛି ଆଦ୍ୟରେ 'ସମର୍ପଣ' 'ପ୍ରାକ୍ କଥନ'ରେ, କାରଣ ଏହା ଯେ ଏହି ମହାକାବ୍ୟିକ ଉପନ୍ୟାସର ..... ।

# ସମର୍ପଣ ପର୍ବ ଉତ୍ସବ

ପ୍ରଣାମ । ପ୍ରେମ ଯୁଦ୍ଧ ସର୍ବସ୍ୱ ଇତିହାସ କଳିଙ୍ଗ ଯୁଦ୍ଧ ଗୋଟେ ପ୍ରଚଣ୍ଡ ପ୍ରେରଣା, 'କଳିଙ୍ଗ' ଶବ୍ଦ ଶକ୍ତିର ଗୋଟେ ସମ୍ମୋହନ, "କଳିଙ୍ଗାଃ" ଆମର ପୂର୍ବ ପରିଚୟ ଆମ ରକ୍ତରେ ନିହିତ ଶକ୍ତିର ଉନ୍ମୋଚନ ଲାଗି 'କାରୁବାକୀ' ଗୋଟେ ଉନ୍ମାଦନା, ଅସମ୍ଭବକୁ ସମ୍ଭାବନାରେ ପରିଣତ କରିଦେବାର ଗୋଟେ ଦୁର୍ବାର ସଂକଳ୍ପ ଦୁର୍ଦ୍ଧର୍ଷ ଶକ୍ତି ଦିଗନ୍ତବ୍ୟାପୀ ସ୍ୱପ୍ନ, ଦୁରନ୍ତ ସାଧନାରେ ବ୍ରତୀ ହେବାକୁ ବରପୁତ୍ର ବରବଧୂ ମାନଙ୍କୁ ଜନନୀ ଜନ୍ମଭୂମିର ଅଶ୍ରୁ ଆକୁଳ ନୀରବ ନିମନ୍ତ୍ରଣ ନିଜସ୍ୱ ଗୌରବରେ ଗୌରବାନ୍ୱିତ ହେବାକୁ, ମାନବ କଲ୍ୟାଣ ଲାଗି ସମର୍ପି ଦେବାକୁ ଏ ମହାଲଗ୍ନରେ, ମହାଭାବରେ, ମହାପର୍ବରେ, ମହାଭାରତର ମାଟି ମଣିଷ ଆକାଶକୁ ଦିନେ ଏକାଠି କରି ଦେବାକୁ ।

ସେ ପର୍ବ ସମର୍ପଣ ପର୍ବ ଗୋଟେ ଉତ୍ସବ । ଗୋଟେ ଜାତିର ଚେତନାରେ  ଉଜ୍ଜ୍ୱଳ ଉଚ୍ଛ୍ୱାସ, କଳିଙ୍ଗର ମାଟି ମଣିଷ ଆକାଶର ଅଙ୍ଗେନିଭା ଅନୁଭବ । କେତେ ଶତାବ୍ଦୀ ବହିଯାଇଛି କଳିଙ୍ଗ ଯୁଦ୍ଧ ପରେ । ସେଇ ଶିଳା କଠିନ ଦୃଶ୍ୟ ଛବି, ସ୍ୱର ସଂଳାପକୁ ତୋଳି ଧରିବାକୁ ସୃଜନ ଶିଳ୍ପୀ ଆଉ ସମ୍ଭାଳି ପାରିନି ସମ୍ଭବତଃ ଜାତିର ଦୁର୍ଦ୍ଦିନରେ ଭାଗ ଭାଗ ହୋଇଥିବା ଦେବଭୂମିର ଦୁଃଖରେ ଦେବଶିଶୁର ଦୟନୀୟ ଦୃଶ୍ୟରେ । ନିହାଣ ମୁଗୁର, ରଙ୍ଗତୂଳିରେ ରୂପ ନଦେଇ ସେ ଯାହାକୁ ଆଜିଯାଏ ଲୁଚାଇ ରଖିଥିଲା ତାହାକୁ ସେ ଆଜି ଲେଖନୀ ମୁନରେ ଲେଖିଦେଇ ଯାଇଛି କାରୁବାକୀର ଇଙ୍ଗିତରେ ପ୍ରେରଣାରେ ପ୍ରଚ୍ଛନ୍ନ ପ୍ରକାଶରେ ପ୍ରୀତିସ୍ନାତ ହୋଇ, ପ୍ରତିବଦ୍ଧ ହୋଇ, 'ଆଉ ହବୁନି'ର ଶବ୍ଦଶକ୍ତିରେ ସୃଜନ ଶିଳ୍ପୀ ହୋଇ, ତାର ପୂଜାରେ ପ୍ରତିଷ୍ଠାରେ ଚିରକାଳ ପ୍ରୀତି ବିଭୋର ଏ ପ୍ରାଣ, ଶବ୍ଦଶିଳ୍ପୀର ଏ ପ୍ରାଣ,  ସୃଜନ ଶିଳ୍ପୀର ଏ ପ୍ରାଣ । ଏ ପ୍ରାଣର ଗୀତିମୟ ପ୍ରୀତିଗୁଚ୍ଛ ଶବ୍ଦର, ସଙ୍ଗୀତର, ଧ୍ୱନିର, ପ୍ରତିଧ୍ୱନିର, ନାଦର, ବ୍ରହ୍ମର, ଚେତନାର ନୈସର୍ଗିକ ପ୍ରକାଶ 'କଳିଙ୍ଗାଃ : କାରୁବାକୀ' ତାର ଏ ସମର୍ପଣ ....

ସମର୍ପଣ। ସୃଜନୀ କୋଣାର୍କର ସମର୍ପଣ । ସୃଜନୀ ବନ୍ଦିତ ପ୍ରୀତପ୍ରାଣର ପରମ ସମର୍ପଣ ପ୍ରୀତିଲଗ୍ନାମାନଙ୍କୁ ଯେଉଁମାନଙ୍କ ଚାହାଣିରେ ଏତେ ଶକ୍ତି, ହାତ ସ୍ପର୍ଶରେ ଏତେ ସ୍ପନ୍ଦନ, ପ୍ରୀତିଦାନରେ ଏତେ ଐଶ୍ୱର୍ଯ୍ୟ, ଅଶୋକ ପରି ଅବୋଧ ମଣିଷଟାକୁ ସୃଜନଶିଳ୍ପୀ ସ୍ରଷ୍ଟାର, ସମ୍ରାଟର, ମହାତ୍ମା ର ଗୌରବରେ ମହିମାମଣ୍ଡିତ କରିଛନ୍ତି । ଧନ୍ୟ ଚିରକାଳ ଧନ୍ୟ ସେମାନଙ୍କର ଆଖିରେ ଅଶ୍ରୁ, ଓଠରେ ହସ, ହୃଦୟର ପ୍ରୀତି ପାଖରେ । ସେମାନଙ୍କର ଚିରକାଳିକ ଠିକଣା ସନ୍ଧାନରେ ହୃଦୟ ବନ୍ଧନ ଲାଗି ଜନ୍ମେ ଜନ୍ମେ ଶିଳ୍ପୀର ଏ ଧରାବତରଣ ଗୋଟେ ଦିବ୍ୟ ଅନୁଭବ, ନବ ସର୍ଜନାର ସ୍ୱର୍ଣ୍ଣିମ ସକାଳ । ପ୍ରଣାମ, ମୋ ଚେତନାରେ ଶୁଭ ଶଙ୍ଖଧ୍ୱନି ସେମାନେ, ମୋ ନେପଥ୍ୟରେ ଚଳଚଞ୍ଚଳ ସେମାନେ ।

ପ୍ରେମ ବିରହ ମିଳନ ଅଶ୍ରୁ ଅନୁକମ୍ପା ଦୁଃଖ ଦୟା କ୍ଷମା ଭଳି ମହାନ୍ ମାନବୀୟ ଅନୁଭବ ଯେ କେତେ ଦୁର୍ଲଭ ଏଭଳି ଅନୁଭବର ଗଭୀରତମ ପ୍ରଦେଶରେ ପ୍ରବେଶ କରିବାକୁ ସେମାନଙ୍କ ବିନା ସମ୍ଭବ ହୋଇନଥାନ୍ତା । ସେମାନଙ୍କ ପାଦପଦ୍ମରେ ପ୍ରୀତି ଶ୍ରଦ୍ଧାଞ୍ଜଳି ପୁଷ୍ପିତ ପ୍ରାଣର ଇପ୍ସିତ ପ୍ରାଣର ଇହକାଳର ପରକାଳର । କିଏ ଆଲୋକର ଝଲକ ମାତ୍ର ପୁଣି କିଏ ଆଲୋକ ଉତ୍ସ ଆଲୋକ ଉତ୍ସବ, ଅରୁଣ ଉଜ୍ଜ୍ୱଳ ଆଭା ସ୍ୱର୍ଣ୍ଣିମ ଶତଦଳ ଶୋଭା ମହାଭାବରେ ମଗ୍ନା ପ୍ରୀତିଲଗ୍ନା । କାରୁବାକୀ ଗୋଟେ ବିରଳ ନାଁ ପ୍ରଚଣ୍ଡ ପ୍ରବାହ ପ୍ରଜ୍ଜ୍ୱଳିତ ପ୍ରଦାହ ପୁଣି  ପୁଷ୍ପ କୋମଳ ପୁଲକିତ ପ୍ରକାଶପୁଞ୍ଜ, ପରମ ଚେତନାରେ ଝଲମଲ ପ୍ରଜ୍ଞା ପାରମିତା । କିଏ ମାୟା ସଂସାରର ସାଥୀ,  ସାଧନା ପର୍ବରେ କାହାର ଅନୁଭବ ତନ୍ଦ୍ରା ଶୀତଳ ଚନ୍ଦ୍ରାଲୋକ ମାତ୍ର ।

ଗୀତ ଗୋବିନ୍ଦର ଆବ□ମାନରେ ଲେଖିହୋଇ ଯାଇଥିବା ସେଇ ପରମ ପଦାବଳି, ପ୍ରୀତିର ପ୍ରିୟତମର ପ୍ରୀତପ୍ରାଣର, ପ୍ରେମିକ କବିର, ଚିରନ୍ତନ କବିର, ଚିରସୁନ୍ଦର ଅନୁଭବର, ଉଚ୍ଛଳ

ଅଙ୍ଗୀକାରବଦ୍ଧତାର, କାନ୍ତ କୋମଳ ଲଳିତ ନିମନ୍ତ୍ରଣ ଲାଗି ପୂଜାର୍ପିତ କବି ଆତ୍ମାର ମୁଗ୍ଧ ଚକିତ ଚପଳ ଉଚ୍ଛ୍ୱାସ, ଯେମିତି ଶିଳା କଠିନ ପ୍ରାଣକୁ ମୁହୂର୍ତ୍ତେ ପୁଷ୍ପକୋମଳ, ସରଳ ତରଳ, ଛଳଛଳ କରିଦେବାର ଅସମ୍ଭବ କଳାଟିଏ, ଅପୂର୍ବ ଉଚ୍ଚାରଣଟିଏ । 'ପଦପଲ୍ଲବ ଦେହି ମୁଦାରମ୍'ର ଉଦ୍ଦାତ ଉଚ୍ଚାରଣ ଯେମିତି ମୋପାଇଁ ପରମ ଆନନ୍ଦ ପରମ ପଦପ୍ରାପ୍ତିର ପରମସୁଖ ଅନୁଭବ, ପ୍ରୀତିଲଗ୍ନାର ପଦତଳେ। ପ୍ରଣାମ । ନମ୍ର ନୀରବ ପ୍ରଣାମ । ନିର୍ବିକାର ନିଷ୍କାମ ପ୍ରଣାମ । ଭୂମିସ୍ପର୍ଶୀ ହୃଦୟ ସଲଗ୍ନ ପ୍ରଣାମ । ପ୍ରଣାମ କଲ୍ୟାଣମୟୀ ପ୍ରଣାମ ।

କବି ବୋଲି ଯେଉଁ ଦିବ୍ୟ ପରିଚୟ ଦେଇଚ ମତେ । ଚିରରଣୀ କବି ଚେତନାରେ ତୁମେ ଚିରନ୍ତନ କାଳସ୍ରୋତେ । କହ କେଉଁ କବି ଭୁଲିକି ପାରିଛି ତୁମ ଆଖି ଲୁହ ଅଧର ଅମୃତ ମାନ ଅଭିମାନ ଅଭିନୟ । ତୁମ ପ୍ରିୟ କବି କିପରି ଭୁଲିବ ସ୍ନେହ ପ୍ରେମ ଭରା ଅନୁରାଗ ଅନୁନୟ । ସୁନ୍ଦରୀ ସୃଜନୀ ଅନାବୃତ ଆଖି, ଓଠରୁ ସୁଷମା ପଡୁଥିବ ଝରିଝରି । ମାଟି, ମହାକାଶ ଅନ୍ଧାର ଚିରି ଶବ୍ଦପୁଞ୍ଜ ସବୁ ଆସୁଥିବ ଥିରିଥିରି । ମିଳନସୁଖରେ ମଗ୍ନ ମତୁଆଲା ବିଭାବର ବରନାରୀ । ତରଙ୍ଗ ତଡିତ ହୋଇ ନାଚୁଥିବ

ପ୍ରିୟ କବି ହାତ ଧରି । ତୁମେ ତ ଆସିଚ ନାଚିଚ କୁଦିଚ ବାରବାର ମୋର ଚେତନାରେ । ବିଭୋରେ କହିଛ ପ୍ରିୟତମ ତୁମ ହାତ ଧରି ଦିଅ ଗାଇବାକୁ ତୁମ ଗୀତ ଥରେ । ଗୃହବଧୂ , ତୁମ ପାଦରେ ଅଳତା ମଧୁ ଚୁମ୍ବିଚି ଯେଉଁ ଧରା । କେତେ ମିଠା କେତେ ମମତାମୟୀ ଯା'ର ଅନ୍ତର ପ୍ରୀତିଭରା ଯା'ର ଅନ୍ତର ପ୍ରୀତିଭରା । ସଜ ସକାଳର ଫୁଲ ପାହାନ୍ତି ଆକାଶ ତାରା ପଣତ ଢ଼ଙ୍କା ତା' ମୁହଁ କେତେ ମିଠା କେତେ ମମତାମୟୀ ସରାଗରେ ଯେବେ ଛୁଇଁ । ଆଖିରେ କଜଳ ଓଠରେ ଉଜ୍ଜଳ ସାଧବ ବୋହୂର ଚାଲି କେଡେ ନାଲି, କେଡେ ନାଲି। ଲାଜଭିଜା ଆଖି, ମଧୁଝରା ହସ କହ କବି କି ପାରିବ ଭୁଲି । ଲାଜପ୍ରେମ ନେଶି ଦେଇଥିବ ଯଦି ହସି କଥା କି କହୁଛି, ସରଗରୁ ଚାନ୍ଦ ଖସି। ଆକାଶ ଛୁଆଁ ଯା' ହସ ହସୁଥିବ ବର୍ଷ, ମାସ ମତେ ଦେଖୁ ଦେଖୁ ହସେ ଭୁଲି ନିନ୍ଦା, ଗାଳି, ରାଗ ରୋଷ ଧନ୍ୟ ଏ ଜୀବନ ଦେଇଛି ଯାହାର ପ୍ରୀତିରେ ଆତ୍ମଶ୍ୱାସ । ଯଦି କେବେ ଦିଏ ଗାଳି ଗରଜିଲା ମେଘ ଭଳି ଜାଣେନି କେମିତି ଲାଜ ପ୍ରେମ ବୋଲି ଧରିଥିବ ମତେ ତୋଳି । ଅଭିମାନୀ ଲାଜକୁଳି ଅଭିମାନୀ ଲାଜକୁଳି । କମନୀୟ କୃଷ୍ଣଗଭା ଆଖିରେ ଅରୁଣ ଆଭା ଚୋରା ପ୍ରୀତିଧନେ ଚନ୍ଦ୍ରମୁଖୀ ମୋର ମନଲୋଭା ମନଲୋଭା । ଚାରୁଚନ୍ଦ୍ରମୁଖୀ ମୋର ଚିର କରୁଣାର ଧାର ଗଙ୍ଗୋତ୍ରୀ ଭଳି ଶୁଭ୍ର ସ୍ପନ୍ଦିତ ସଙ୍ଗୀତ ଯାର ମନଛୁଆଁ ମନୋହର । ଧନ୍ୟ କଲ୍ୟାଣୀୟା ମୋର ଯା'ଲାଗି ଜୀବନ ସ୍ୱର୍ଗୀୟ ସୁନ୍ଦର ତାର ନାହିଁ ପଟାନ୍ତର, ତାର ନାହିଁ ପଟାନ୍ତର। ଲଭି ସ୍ନେହପ୍ରେମ ନିରନ୍ତର ମରଣ ଜୟୀ ମୁଁ ମାଗିଚି 'ଜୀବନ ବର', ମର ଦେହ ଧରି ଆସିବି ଧରାକୁ ଦୁଃଖ ନାହିଁ ଥରଥର । ଦୁଃଖ ନାହିଁ ଥର ଥର । ପୋଛିବାକୁ ତୋର ଦୁଃଖରେ ବତୁରା ଆଖିରୁ ଅଶ୍ରୁଧାର । ପରାଣଠୁ ବଳି ପ୍ରିୟ ପ୍ରାଣଖୋଲି କହେ କଥା ମନକଥା ବୁଝି ହସୁଥିବ ଚାହିଁ ଚାହିଁ ହରିବାକୁ ସବୁବ୍ୟଥା

। ଅଳସ ଆଖିରେ ଭରା ସପନର ଢ଼େଉ । କୋଇଲିର କୁହୁସୁର ବାଜେ କଥା କହୁକହୁ  ବାଜେ କଥା କହୁକହୁ । ମୋର ସପନ ରାଇଜ ରାଜା ଏ'ତ ଅମା ଅନ୍ଧାର ରାତି ମତେ ଛାଡି ନ'ଯା ନ'ଯା । କେମିତି ତୁମକୁ ଛାଡି ମୁଁ  ଦେବକନ୍ୟା ଦିଗବଧୂ ତୁମ ଲାଗି ଦିଗହଜା ତୁମ ଲାଗି ଦିଗହଜା ।

ମୋ ସ୍ୱପ୍ନର ଭାରତବର୍ଷ ମହାଭାରତର ମାଟି ମଣିଷ ଆକାଶକୁ ଜୀବଦ୍ଦଶାରେ ଏକାଠି ଦେଖିବାର ଯେଉଁ ଦୁରନ୍ତ ସ୍ୱପ୍ନ  ଦୁର୍ବାର ଅଭିଳାଷ ତାର ଦୁଃସାହସିକ ପ୍ରେରଣା ପାଇଁ ସେଇ ପ୍ରେମମୟୀ ପ୍ରେରଣାମୟୀ ମୋ ପ୍ରାଣର ପରମପୂଜ୍ୟା  ଇହକାଳର ପରକାଳର ପ୍ରାଣପ୍ରିୟା କଲ୍ୟାଣୀୟା କାରୁବାକୀ, ମରଣର ସାଥୀ ସିଏ ଜୀବନର ସାଥୀ ହୋଇନାହିଁ,  ପ୍ରୀତିର ଅଣଉ□ୁରା ଉଠରେ, ନିର୍ମଳ ନିଷ୍ପାପ, ଆଶା ଅଙ୍କୁର ଆଖିରେ ଯେ କହିପାରି ନାହିଁ "ଭଲପାଏ" ଶବ୍ଦଟିଏ, ଶୁଣିପାରିନାହିଁ .... ସେହି ଶବ୍ଦସବୁ ପ୍ରୀତିର ନୀରବ ନିଥର ଶବ୍ଦସବୁ, ଏକାନ୍ତ ଇଥର ଶବ୍ଦସବୁ, ଯେଉଁ ଶବ୍ଦଟିଏ ସୃଷ୍ଟି ହୋଇପାରିନାହିଁ ଯିଏ ସଂଗୋପିତ ହୋଇଯାଇଛି ସମ୍ମାନବୋଧରେ ସ୍ୱାଭିମାନରେ, "ମୁଁ କେବେ କହିଛି ?''  କଣ ଏତେ ସହଜ ସେଇ ଶବ୍ଦସବୁ ଉଚ୍ଚାରିତ ହେବାକୁ ? ଧନ୍ୟ ସେଇମାନେ ଯେଉଁମାନେ ସେଇ ଶବ୍ଦସବୁ ଉଚ୍ଚାରିତ ହେବା ଶୁଣିଛନ୍ତି ଜୀବଦ୍ଦଶାରେ, ସେଇ ଶବ୍ଦ ସ୍ୱର ସଂଳାପ ସମୟକୁ ପ୍ରତକ୍ଷ୍ୟ କରିଛନ୍ତି, ସେଇ ଦୃଶ୍ୟ ଛବିକୁ ତୋଳିଧରିଛନ୍ତି ଚେତନାରେ, ମାନବତନୁରେ ପ୍ରୀତିସ୍ନାତ ହୋଇ ପୁଣି ଅଙ୍ଗୀକାରବଦ୍ଧ ହୋଇଛନ୍ତି ଅଙ୍ଗେନିଭେଇଛନ୍ତି ସେଇ ଐଶ୍ୱର୍ଯ୍ୟମୟ ଅନୁଭବକୁ ବିଧାତାର ଆଶୀର୍ବାଦରେ, ଧନ୍ୟ ଚିରକାଳ ଧନ୍ୟ । ପ୍ରଣାମ ସେଇ ପ୍ରୀତିସ୍ନାତ ପାର୍ଥିବ ତନୁକୁ ପ୍ରଣାମ  ! ସେଇ ପରମ ପ୍ରେମମୟୀ  ଯେମିତି ସେଇ ପରମ ପ୍ରତୀକ୍ଷିତ ଶବ୍ଦର ସାଧନାରେ ମଗ୍ନ ସେମିତି ଶବ୍ଦଶିଳ୍ପୀ ସେଇ ସାଧନାରେ  ସମର୍ପିତ । ସେଇ ସାଧନାରେ ସାର୍ଥକ ହୋଇଛି ଯେମିତି ଏ ଜନ୍ମର ଧରାବତରଣ ସେମିତି ସ୍ୱର୍ଣ୍ଣିମ ସମ୍ଭାବନାମୟ, ପୁଷ୍ପିତ ଫଳପ୍ରସୂ ତାର ପ୍ରତୀକ୍ଷା । ତନ୍ମୟ ହୋଇ 'ରାଜାଃ ରାଜାଃ' ଡାକୁଥିବା 'ହୁଣ୍ଡା' 'ଆଉ ହବୁନି' କହି ଚିଡାଉଥିବା 'କୋବି କୋବି' କହି ହସୁଥିବା 'ଫିଲୋସଫର' କହି ପଛରୁ ପେଲୁଥିବା, ମିଛିମିଛିକା ରାଗୁଥିବା, ସତ ସତିକା ସ୍ୱପ୍ନ ଦେଖାଉଥିବା, ପ୍ରଚଣ୍ଡ ରାଗରେ ପଥର ପାଲଟିଥିବା, ପୁଣି ପ୍ରିୟଜନ ଜାଣି 'ଘୃଣାକରେ' ଲେଖି ପ୍ରାଣଘାତକ ଅହିଂସା ନିର୍ଯ୍ୟାତନା ଦେଇଥିବା, ଦେଖୁ ଦେଖୁ ସବୁଭୁଲି କ୍ଷଣିକେ ସ୍ନେହ ସମ୍ମାନରେ ପୋତି ପକାଉଥିବା, ସମାଜ ସମ୍ମାନ ସ୍ୱାଭିମାନର ଦ୍ୱାହିଦେଇ ଯିଏ ସବୁରି ନିର୍ଯ୍ୟାତନା ସହିଥିଲା, ସନ୍ନ୍ୟାସିନୀ ଭଳି ଚରମ ତ୍ୟାଗକୁ ବରଣ କରିଥିଲା, ସୁଖ ସମ୍ପଦକୁ ତୁଚ୍ଛ ମଣିଥିଲା, ପ୍ରାଚୁର୍ଯ୍ୟ ଭିତରେ ନିର୍ବାସନକୁ ଆପଣେଇଥିଲା, ସକଳ ଦୁଃଖକୁ ନୀରବରେ ସହିଥିଲା  ଶେଷରେ 'ଦୟାକର କ୍ଷମାକର' ଲେଖି ମୋ ମାନବ ତନୁକୁ ଅଶ୍ରୁ ଅନଳରେ ଉଚ୍ଛନ୍ନ କରିଥିଲା , ମତେ ପ୍ରତ୍ୟାଖାନ କରି ମୋ ଚେତନାରେ ନିର୍ବାପିତ ନ ହୋଇ ମତେ ନିର୍ବାସନ ଦଣ୍ଡ ଦେଇଥିଲା, ପ୍ରଜ୍ୱଳିତ ହୋଇ ପ୍ରୀତିସିକ୍ତ କରିଥିଲା, ପ୍ରଜ୍ଞାଦୀପ୍ତ କରିଥିଲା, ସ୍ୱପ୍ନଦ୍ରଷ୍ଟା ପାଲଟିଥିଲା 'ନିଶ୍ଚୟ ବଡ ହେବାକୁ' ସ୍ୱପ୍ନ ଦେଖାଇ ମତେ ସତରେ ଈଶ୍ୱରଙ୍କ

ଦିବ୍ୟ ଅନୁଭବରେ କୃତ୍ୟ କୃତ୍ୟ ହେଉଥିବା ଶିଳ୍ପୀ କବି ସଂସାରୀ ସମ୍ରାଟ ମଣିଷଟିଏ କରିଦେଲା, ମୁଁ ନିଜକୁ ବିଶ୍ୱାସ କରିପାରୁନି । ସତରେ ସେ ପ୍ରଚଣ୍ଡ ପ୍ରାଣଶକ୍ତିର ଅଧିକାରିଣୀ, ମହାନ୍ ସନ୍ନ୍ୟାସିନୀର ସୁଗୁଣରେ ଗରୀୟାନ୍ । ଯାହାଙ୍କ ସ୍ନେହ ଶ୍ରଦ୍ଧା ପ୍ରୀତି ପୁଣି ପ୍ରାଣଘାତକ ପୀଡାରେ, ଅହିଂସାର ଅସହ୍ୟ ନିର୍ଯ୍ୟାତନାରେ ପ୍ରୀତି ଭଳି ପରମ ସୁଖର ପ୍ରତୀକ୍ଷାରେ... ସେଇ ପ୍ରତୀକ୍ଷାର ପରମ ଆନନ୍ଦରେ ଜୀବନସାରା ଅଶ୍ରୁ ଅନଳରେ ଆଉଟି ପାଉଟି ଯେମିତି ପ୍ରୀତିସ୍ନାତ ହୋଇଛି ତାର ତୁଳନା ନାହିଁ । ମାୟା ସଂସାରର ଚଲାପଥରେ ସେ ଥିଲେ ସଂଯୋଗ ମାତ୍ର ଈଶ୍ୱରଙ୍କ ଦୟାରେ ସାଧାରଣ ମଣିଷଟିଏ ସୃଜନ ଶିଳ୍ପୀ ପାଲଟିଯିବ, ସଂସାରୀ ସମ୍ରାଟ ପାଲଟିଯିବ, ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଯିବ, ମଣିଷ ମହାତ୍ମା ପାଲଟିଯିବ କିଛି ଅସମ୍ଭବ ନୁହେଁ । ଜୀବଦ୍ଦଶାରେ ମୁଁ ଭୋଗିଥିବା ଅସହ୍ୟ ଯାତନା ନାନା ନିର୍ଯ୍ୟାତନା ଲାଗି ମୁଁ ଭାବୁଥିଲି ସେ କାରୁବାକୀ ଦାୟୀ, ଆଜି ଅନୁଭବ କରୁଛି ତାହା ଈଶ୍ୱରଙ୍କର ଦୟା ଯାହାକୁ ବୁଝିବା ସାଧାରଣ ମଣିଷର ବିଚାର ବୁଦ୍ଧି ବାହାରେ । ଆତ୍ମାକୁ ସମ୍ମାନ ଦେଇ ନିଜକୁ ମହାତ୍ମା ମନେକଲେ, ଦୁଃଖକୁ ବଦଳେଇ ପାରିବାକୁ ପୁଣି ନବଦଳେଇ ପାରିବାର ଅସହାୟତାକୁ ଈଶ୍ୱରଙ୍କର ଦୟା ମନେକଲେ ପ୍ରତ୍ୟେକ ମାନବ ଜୀବନ ନିଶ୍ଚୟ ଦିବ୍ୟ ହୋଇ ଉଠିବ । ପ୍ରଣାମ ।

# ସମର୍ପଣ ପ୍ରେମକୁ ପ୍ରେମ ମହିମାକୁ

ସମୟର ଇତିହାସ ସହିତ, ସମାଜର ପରିଚୟ ସହିତ ଗୁନ୍ଥି ହୋଇଯାଇଛି ପ୍ରେମ ମହାକାଳର ଗ୍ରନ୍ଥୀରେ ଗ୍ରନ୍ଥୀରେ ଅବଗୁଣ୍ଠିତ ହୋଇ । ପ୍ରେମ ପାଇଁ ବଦଳିଯାଇଛି ସମାଜ, ଦେଶ, ରାଜ୍ୟ, ବ୍ୟକ୍ତିର ଇତିହାସ, ଜୀବନଧାରା, ଧର୍ମଧାରଣା, ବିଶ୍ୱାସ ପରମ୍ପରା, ଚିନ୍ତା, କଳ୍ପନା । ମହାଭାରତ ଯୁଗ ପରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ପ୍ରଥମ ଆର୍ନ୍ତଜାତୀୟ ପ୍ରେମ ହିଁ ମଗଧ ଓ କଳିଙ୍ଗର ଇତିହାସ । ମହାଭାରତର ଯୁଗାନ୍ତକାରୀ ପରିଚୟଟିଏ ସୃଷ୍ଟି କରିଥିଲା ସେଇ ପ୍ରେମ । ଅସହାୟ ଅଥଚ ଉଚ୍ଚାଭିଳାସୀ ପ୍ରେମିକ ଅଶୋକ ଓ ପ୍ରେମିକା କାରୁବାକୀ ମଧ୍ୟରେ ପ୍ରେମାଙ୍କୁର ମାନବ ଜାତିର ବଟବୃକ୍ଷ ହୋଇ ପଲ୍ଲବିତ ହୋଇଥିଲା । ବଦଳି ଯାଇଥିଲା ଇତିହାସ ଧର୍ମ, ବଦଳି ଯାଇଥିଲା ସମାଜ ରାଷ୍ଟ୍ର । ଏକମୟ ବିଶ୍ୱ ଯେ ମାନବ ଜାତିର ଚୂଡାନ୍ତ ଲକ୍ଷ୍ୟ ତାର ସତ୍ୟ ରୂପାୟନ ଲାଗି ଅହିଂସା ଓ ପ୍ରେମ ହିଁ ସାର୍ବଜନୀନ ସର୍ତ୍ତ ଯାହା ସେମାନଙ୍କ ପ୍ରେମକୁ ଅସାଧାରଣ ଅବିସ୍ମରଣୀୟ କରିଦେଇଛି । ଯେଉଁ ପ୍ରେମଶକ୍ତି ବଳରେ ବିଜିତ ଅଶୋକ ପରାଜିତ ପ୍ରିୟତମା ପାଖରେ ଆତ୍ମସମର୍ପଣ କରିଥିଲେ ଯିଏ ଆସିଥିଲା ସନ୍ନ୍ୟାସିନୀ ସାଜି ଆତ୍ମସମର୍ପଣ କରିବାକୁ । ମୌର୍ଯ୍ୟ ଭାରତ ସହିତ କଳିଙ୍ଗର ମଧୁମୟ ମିଳନରେ ଅକୁମାରୀ ହିମାଚଳ ବ୍ୟାପୀ ମହାଭାରତର ଇତିହାସ କଳିଙ୍ଗ ସାଗର ଠାରୁ ସିନ୍ଧୁସାଗର ଯାଏ ଲମ୍ବିଥିଲା । ସେହି ମହାଭାରତର ମିଳନ ପର୍ବରେ ରାଜକୁମାର ଅଶୋକ ଓ ରାଜକୁମାରୀ କାରୁବାକୀର ପ୍ରେମ କାହାଣୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ପ୍ରଚଣ୍ଡ ପ୍ରାଣଶକ୍ତିପୂର୍ଣ୍ଣ ସେ ପ୍ରେମ, ପ୍ରାଣଘାତକ ସେ ପ୍ରେରଣା

ଅସମ୍ଭବକୁ ସମ୍ଭବ କରିବାର ଯେଉଁ ଦୁର୍ବାର ପ୍ରତିବଦ୍ଧତା ସେମାନଙ୍କୁ ଯୁଗ ଯୁଗର ପ୍ରତିଷ୍ଠା ଆଣିଦେଇଥିଲା । ସମ୍ରାଟ ଅଶୋକ ପ୍ରେମମୟୀ କାରୁବାକୀଙ୍କ ପ୍ରୀତିରେ ଆତ୍ମସମର୍ପଣ କରିବା ପୂର୍ବରୁ ଦେହମିଳନର ଖେଳ ସେ ବହୁତ ଖେଳିଛନ୍ତି ସେଇ ଅଜସ୍ର ଅନୁଭବ ତାଙ୍କ ଅନ୍ତହୃଦୟକୁ ତୃପ୍ତ କରିପାରିନାହିଁ । କଣ ନ କରିଛନ୍ତି ସେ ? ସେଇ ଅନୁଭବର ସର୍ବୋଚ୍ଚ ଶିଖର ଆରୋହଣ କରିବାକୁ! ରାଣୀ, ମହାରାଣୀଙ୍କୁ ବିବାହ କରିଛନ୍ତି । ପୁଣି ଶତଶତ ସୁନ୍ଦରୀ ଲଳନାମାନଙ୍କ ସହିତ ମାଂସର ଭୂଗୋଳକୁ ମନଭରି ଉପଭୋଗ କରିଛନ୍ତି । ଶେଷରେ ସେ ଉପଲବ୍ଧି କରିଛନ୍ତି ସେଇ ଚରମସତ୍ୟକୁ, ସେଇ ପ୍ରେମାନୁଭବକୁ, ଯୌବନରେ ପ୍ରିୟତମାର ପ୍ରେମ ହିଁ ସର୍ବଶ୍ରେଷ୍ଠ ପ୍ରେମ । ସର୍ବକାଳୀନ ପ୍ରେମ । ସେ ସ୍ୱୀକାର କରିଛନ୍ତି । ଯେମିତି ପରମ ପ୍ରେମିକ ଶ୍ରୀକୃଷ୍ଣ ପ୍ରେମମୟୀ ଶ୍ରୀରାଧା ଓ ଷୋହଳ ସହସ୍ର ସୁନ୍ଦରୀ ଗୋପାଙ୍ଗନାମାନଙ୍କ ସହିତ ପ୍ରୀତିମଗ୍ନ ହୋଇଛନ୍ତି । ପ୍ରିୟତମାର ଦେହ ଯେ ରସମୟ ଲାବଣ୍ୟର ନଈ, ପୁଣି ଅମୃତ କଳସ ଯା'ପ୍ରେମ, ସେଇ ନଦୀରେ ନିତ୍ୟ ସ୍ନାନ  କରିବାରେ, ତାର କୂଳରେ କୁଟିଆ ନିର୍ମାଣ କରି ପ୍ରୀତିମନ୍ତ୍ର  ଜପିବାରେ, ତାର ଆରାଧନାରେ ଆତ୍ମବିସ୍ମୃତ ହେବାରେ, ଚିରନ୍ତନ ପ୍ରୀତିମଗ୍ନ ପାଥିବ ତନୁରେ, ଧନ୍ୟ ପ୍ରିୟତମମାନେ । ପ୍ରଣାମ।

ଏଇଠି ପ୍ରଶ୍ନ ଉଠେ ଷୋହଳ ସହସ୍ର ସେନା ସେନାନୀ ଯୋଦ୍ଧା ଜନ୍ମ ଗ୍ରହଣ ନକରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଧରାବତରଣ ପୂର୍ବରୁ ଷୋହଳ ସହସ୍ର ଗୋପାଙ୍ଗନା ରୂପରେ ନାରୀଦେହରେ ଧରାବତରଣ କରିଥିଲେ କାହିଁକି? କଂସର ମୃତ୍ୟୁଲାଗି ? ନା ପ୍ରୀତିର ପ୍ରତିଷ୍ଠାଲାଗି । ଏଇତ ପ୍ରେମର ରହସ୍ୟ । ସେଇ ଗୋପାଙ୍ଗନାମାନଙ୍କ ପ୍ରେମର ଜୟଗାନ କରିଛନ୍ତି ସେ, ଶ୍ରୀରାଧାଙ୍କୁ ପ୍ରେମ ସମ୍ମାନର ମୁକୁଟ ମଣ୍ଡିତ କରିଛନ୍ତି, ଅଷ୍ଟପତ୍ନୀ ଗ୍ରହଣ କରି ମଧ୍ୟ । ପ୍ରିୟତମାର ପ୍ରେମ ସହିତ ପତ୍ନୀପ୍ରେମର ତୁଳନା ସେ କରିନାହାଁନ୍ତି ! ସେ ମୁକ୍ତକଣ୍ଠରେ ପ୍ରିୟତମାର ପୂଜା କରିଛନ୍ତି, ତାର ପ୍ରେମର ଯଶଗାନରେ, ଜୟଗାନରେ ମାଟି ଆକାଶକୁ, ପ୍ରାଣୀ ପ୍ରକୃତିକୁ ପ୍ରୀତିସିକ୍ତ କରିଛନ୍ତି । ଏତେ ପ୍ରେମ ଶ୍ରୀକୃଷ୍ଣ ରାଧାଙ୍କର । ଗୋପରୁ ମଥୁରା କେତେ ଦୂର ? ଶ୍ରକୃଷ୍ଣ କଂସକୁ ମାରି ରାଜା ହୋଇଛନ୍ତି, ଦ୍ୱାରକା ଯାଇଛନ୍ତି, ପ୍ରଭାସ ଯଜ୍ଞ କରିଛନ୍ତି କିନ୍ତୁ ନିମନ୍ତ୍ରଣ ପଠାଇ ନାହାଁନ୍ତି ଗୋପକୁ । ଖବର ଶୁଣି ବିନା ନିମନ୍ତ୍ରଣରେ ସମସ୍ତେ ଗୋପରୁ ଟାଣିହୋଇ ଆସିଛନ୍ତି ଚିହ୍ନା ବ୍ରାହ୍ମଣର ପଇତା ଲୋଡାନାହିଁ ନ୍ୟାୟରେ । ଯଜ୍ଞ ଦ୍ୱାରଦେଶରେ ଝଗଡା କରିଛନ୍ତି ମା ଯଶୋଦାଙ୍କ ସହିତ ଦ୍ୱାରକାର ରାଜମାତା ଦେବକୀ । ପୁତ୍ର ପ୍ରେମରେ ଫାଟି ପଡିଛନ୍ତି ଯଶୋଦା । ମୋ ପୁଅ କଳାକାହ୍ନୁ ଯଜ୍ଞ କରୁଛି ମତେ ବିରୋଧ କରିବାକୁ କାହାର ଶକ୍ତି ଅଛି ? ସେଠାରେ ମା, ମା, ପତ୍ନୀ, ପ୍ରିୟତମା ମଧ୍ୟରେ ଦ୍ୱନ୍ଦ । କିଏ ଶ୍ରୀକୃଷ୍ଣ ? କୃଷ୍ଣ କାହାର? ସମସ୍ତେ ଆକୁଳ ହୋଇ ଡାକିଛନ୍ତି କୃଷ୍ଣଙ୍କୁ । ଯେତେବେଳେ ସମସ୍ତେ ଦେଖିଛନ୍ତି ମା ଯଶୋଦା କୋଳରେ କଳାକାହ୍ନୁ ସ୍ତନପାନ ରତ, ପ୍ରେମମୟୀ ଶ୍ରୀରାଧାଙ୍କ  ବାହୁବନ୍ଧନୀରେ ନୀଳକମଳ କୃଷ୍ଣ ପ୍ରୀତିମଗ୍ନ, ଆକାଶରୁ ପୁଷ୍ପ ବୃଷ୍ଟି ହୋଇଛି

। ଦେବତାମାନେ ପ୍ରଣାମ କରୁଛନ୍ତି, ପ୍ରେମମୟୀର ପୂଜାରେ ପ୍ରତିଷ୍ଠାରେ ପ୍ରୀତିବିଭୋର ହେଉଛନ୍ତି, ପ୍ରଭାସ ତୀର୍ଥରେ ପରିଣତ ହୋଇଛି ।

ଅଶୋକ ଅନୁଭବ କରିଛନ୍ତି ପ୍ରିୟତମା ପ୍ରେମ ବିଧାତାର ସର୍ବଶ୍ରେଷ୍ଠ ଦାନ ମଣିଷକୁ । ସେଇ ପ୍ରେମାନୁଭୂତି ପାଇଁ ବାଧ୍ୟବାଧକତା, ବଳ ପ୍ରୟୋଗ ଲୋଡା ନାହିଁ । ଲୋଡା ସମର୍ପିତ ସାଧନା, ଜୀବନବ୍ୟାପୀ ସେ ସାଧନା, ଜନ୍ମଜନ୍ମାନ୍ତରର ସାଧନା, ତାର ପ୍ରାପ୍ତିବିନା ମୁକ୍ତି ଅସମ୍ଭବ? ମୋକ୍ଷ ଅସମ୍ଭବ, କାମନା ଚକ୍ରରୁ ମୁକୁଳିବା ଅସମ୍ଭବ । ଏମିତି କେଉଁ ଦୁର୍ଲଭ ଅନୁଭବଟିଏ ମାନବ ଜୀବନରେ ବାକିଥାଏ ଯେ ସେ ଇଛା କରିଥାଏ ପୁଣି ପୃଥିବୀକୁ ଫେରିବାକୁ ନବଜନ୍ମ ନେଇ, କେଉଁ ଆନନ୍ଦ ଆଶାରେ ପୁଣି ସେଇ ଚରାଚରିତ ଦୁଃଖ ଯନ୍ତ୍ରଣାର କାଦୁଅ ଚକଟିବାକୁ ଆଶା ବାନ୍ଧିଥାଏ ? ଅଶୋକ ପ୍ରିୟତମାର ପ୍ରେମ ସହିତ ପତ୍ନୀର
ପ୍ରେମ, ରକ୍ଷିତାର ପ୍ରେମକୁ ତୁଳନା କରିନାହାଁନ୍ତି । ଅସ୍ୱୀକାର କରି ନାହାଁନ୍ତି କାରଣ ତାର ତୁଳନା ନାହିଁ ସେ ଅଙ୍ଗେ ନିଭେଇଛନ୍ତି ସେଇ ପ୍ରୀତି ଅନୁଭବକୁ । ତାର ପୂଜା, ପ୍ରତିଷ୍ଠା କରିଛନ୍ତି ନିଜ ହୃଦୟରେ । ତା'ପାଖରେ ନିଜକୁ ସମର୍ପଣ କରିଛନ୍ତି କ୍ଷମତା, ଧନ, ଜ୍ଞାନ, ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟର ଶୀର୍ଷରେ ରହି ମଧ୍ୟ । ସେ ସମର୍ପଣ, ଆତ୍ମସମର୍ପଣ , ଅସ୍ତ୍ରସମର୍ପଣ, ପ୍ରୀତିସ୍ନାତ ପ୍ରାଣର ପରମ ସମର୍ପଣ । ପ୍ରିୟତମା ପାଖରେ ଗୋଟେ ସମ୍ରାଟର ଆତ୍ମସମର୍ପଣ, ସ୍ୱାମୀର ଆତ୍ମସମର୍ପଣ, ବାପର ଆତ୍ମସମର୍ପଣ । ସାମାଜିକ ମର୍ଯ୍ୟାଦାର ସମର୍ପଣ । ଇଏ କଣ କମ୍ କଥା ! ଚେତନାର ଉର୍ଦ୍ଧ୍ୱକୁ ନ ଉଠି ! ସେ ବୁଝିପାରିଲେ ସେହି ରହସ୍ୟକୁ, ପ୍ରୀତିଶକ୍ତିର ରହସ୍ୟକୁ କାହିଁକି ବିବାହିତ ଦୁର୍ଯୋଧନ ଦୌପଦୀକୁ ବଳାତ୍କାର ନକରି ବସ୍ତ୍ରହରଣ ପାଇଁ କହିଥିଲେ ? କାହିଁକି ବିବାହିତା ରାବଣ ବନ୍ଦିନୀ ସୀତାଙ୍କୁ ବଳାତ୍କାର କରି ବିବାହ କରି ନ ଥିଲେ ? ହତ୍ୟା କରି ନ ଥିଲେ ? ପ୍ରତିହିଂସା ଆଚରଣ କରି ନ ଥିଲେ ? ଅଥଚ ସର୍ବସ୍ୱ ହରାଇ ମୃତ୍ୟୁକୁ ଆନନ୍ଦରେ ଗ୍ରହଣ କରିଥିଲେ । ପୁଣି ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ମୃତ୍ୟୁଦଣ୍ଡ ନ ଦେଇ ବନବାସ ଦଣ୍ଡ ଦେଇଥିଲେ ! ଏ'ତ ଅସମ୍ଭବ ? କେମିତି ସମ୍ଭବ ହେଲା ତାଙ୍କ ପକ୍ଷରେ ? ଏ'ତ ପ୍ରେମଭାବର ପରିଣାମ ନିଶ୍ଚୟ । ଦୌପଦୀ ପାଇଁ ତାଙ୍କର ପ୍ରଗାଢ଼ ପ୍ରେମ ପାଇଁ, ସେ ସମସ୍ତଙ୍କୁ ମୃତ୍ୟୁଦଣ୍ଡ ନଦେଇ ବନବାସ ଦଣ୍ଡ ଦେଇଥିଲେ ବଞ୍ଚିରହିବାର ସର୍ବନିମ୍ନ ସର୍ତ୍ତରେ ଯେଉଁ ପାଣ୍ଡବମାନଙ୍କୁ ଯତୁଗୃହରେ ଜଳାଇ ଦେଇଥିଲେ ଦେଶ ବିଭାଜନର ପୀଡାକୁ ସମ୍ଭାଳି ନ ପାରି କିଛି ମାସ ପୂର୍ବରୁ । ପାଣ୍ଡବମାନେ ରାଜ୍ୟ ଦାବିରେ ଯୁଦ୍ଧ ଘୋଷଣା କରିଥିଲେ । ସେମାନଙ୍କୁ ହତ୍ୟା କରିବାକୁ ଦୃଢ଼ ନିଶ୍ଚିତ ଦୁର୍ଯ୍ୟୋଧନ କେଉଁ ଶକ୍ତିର ପ୍ରଭାବରେ ନିଃସ୍ୱ, ଦାସଦାସୀ ପାଣ୍ଡବମାନଙ୍କୁ ଦୟା କରିଥିଲେ । ବ□ରହିବାର ଅପୂର୍ବ ଦୟା । ତାହା ଥିଲା ପ୍ରୀତିଶକ୍ତିର ଦୟା ଯାହାର ପଟାନ୍ତର ନାହିଁ । କାରଣ ଦୌପଦୀର ମୃତ୍ୟୁ ସେ ସମ୍ଭାଳି ପାରିବେ ନାହିଁ । ଯେଉଁ ଦୌପଦୀର ଚରମ ଅପମାନରେ ଅଜ୍ଞାନ ଦୁର୍ଯ୍ୟୋଧନ ପ୍ରଚଣ୍ଡ କ୍ରୋଧରେ ହିତାହିତ ଜ୍ଞାନ ହରାଇ ବାପ, ଭାଇ, ବନ୍ଧୁ, ରାଜପରିଷଦ ଆଗରେ, ପୁଣି ସ୍ୱାମୀମାନଙ୍କ ଆଗରେ

ରାଜସଭାରେ ସମସ୍ତଙ୍କୁ ହେୟଜ୍ଞାନ କରି ପାପପୁଣ୍ୟ କିଛି ବିଚାର ନକରି, ଦୌପଦୀର ବସ୍ତ୍ରହରଣ କରିବାକୁ ନିଷ୍ଠୁର ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ନିଜେ ପାଷାଣୀ ପ୍ରିୟତମା ଦେହରେ ହାତ ଲଗାଇ ନଥିଲେ, ବଳାତ୍କାର କରି ନଥିଲେ, ହତ୍ୟାକରି ନଥିଲେ । ପ୍ରଣାମ ପ୍ରିୟତମା ପ୍ରଣାମ ।

-------------------------

# ସମର୍ପଣ କଳିଙ୍ଗ ଯୁଦ୍ଧକୁ

ସମର୍ପଣ କଳିଙ୍ଗ ଯୁଦ୍ଧକୁ ସେଇ ମହାଯୁଦ୍ଧର ମହାଯୋଦ୍ଧାମାନଙ୍କୁ । କଳିଙ୍ଗ ଯୁଦ୍ଧ ଗୋଟେ ମହାଯୁଦ୍ଧ ଏ ଜାତିର ଇତିହାସରେ ଯାହାର ସାକ୍ଷୀ କାଳ ମହାକାଳ, ମାଟି ମହାକାଶ । କେତେ ଯୁଦ୍ଧ ନ ହୋଇଛି, କେତେ ଯୁଦ୍ଧ ନ ଲଢ଼ିଛି ଏ ଜାତି ? କିନ୍ତୁ ସବୁ ଯୁଦ୍ଧ ମଧ୍ୟରେ କଳିଙ୍ଗ ଯୁଦ୍ଧ ଅନନ୍ୟ ଗୋଟେ ମହାଯୁଦ୍ଧ। ଏମିତି ଯୁଦ୍ଧ ଲଢ଼ିଛି କେଉଁ ଦେଶ, ମହାଦେଶ ? ଯାହାର ପରିଣତିରେ ପାଷାଣ ପ୍ରାଣରେ ପ୍ରେମର ଝରଣା ଝରିଛି ଚିରସ୍ରୋତା ହୋଇ ଯିଏ ଗାଉଛି ମହାମାନବର ମିଳନ ମୁକ୍ତି ଗୀତ, ଶାନ୍ତି ପ୍ରୀତି ସାମ୍ୟ, ଦୟା କ୍ଷମା କରୁଣାର ସ୍ୱର୍ଗୀୟ ସଙ୍ଗୀତ, ଅହିଂସାର ଦିବ୍ୟ ଆଲୋକରେ ଚିର କଲ୍ଲୋଳିତ । ସେଇ ମହାଯୁଦ୍ଧର ମହାଯୋଦ୍ଧା ମାନଙ୍କୁ ପ୍ରଣାମ । ଯେଉଁମାନଙ୍କ ବୀରୋଚିତ ବଳିଦାନରେ ଶାନ୍ତି ଅହିଂସାର ମହାସେତୁ ନିର୍ମିତ ହୋଇଛି ମାନବ କଲ୍ୟାଣ ଲାଗି, ମାନବଜାତିର ଭାଗ୍ୟ ନିର୍ଦ୍ଧାରିତ ହୋଇଛି ଚିରକାଳ ଯୁଦ୍ଧ ବିଜୟକୁ ଉପହାସ କରି, ଯୁଦ୍ଧ ଅହମିକାକୁ ଅସ୍ୱୀକାର କରି, ରକ୍ତକ୍ଷୟୀ ଯୁଦ୍ଧର ଡିଣ୍ଡିମ ଓ ତାଣ୍ଡବକୁ ବିଭତ୍ସତା ଓ ବର୍ବରତାକୁ ଭୟ ଓ ଆଶଙ୍କାକୁ ନିର୍ମମତା ଓ ନୃଶଂସତାକୁ ନୈରାଶ୍ୟ ଓ ବିଷାଦକୁ ପ୍ରିୟଜନ ହରେଇବାର ପୀଡା ଓ ପ୍ରହାରକୁ ପ୍ରତକ୍ଷ୍ୟ କରି ପ୍ରମାଣ କରିଛନ୍ତି 'ଯୁଦ୍ଧର ବିଜୟ ବିଜୟ ନୁହେଁ', ସେଇ ମହାଯୋଦ୍ଧା ମାନଙ୍କୁ ପ୍ରଣାମ । ସତେ ଯେମିତି ଶାନ୍ତିର ବିକଳ୍ପ ନାହିଁ ଅହିଂସାର ଦିବ୍ୟ ଅନୁଭବ ଆଗରେ ଯୁଦ୍ଧ ବିଜୟର ସ୍ଥାନ ନାହିଁ । ଅହିଂସାର ଶକ୍ତି ଅସୀମ, ଅଲୌକିକ ଏହି ସାଧନାରେ ଯେ ସିଦ୍ଧି ଲଭିଛି ସେ ଜାଣିଛି ଅହିଂସା ଏକ ଈଶ୍ୱରୀୟ ଅନୁଭବ । ଅତୁଳନୀୟ ଏହାର ଶକ୍ତି ସାମର୍ଥ୍ୟ । ବ୍ରହ୍ମାସ୍ତ୍ର ପରି ଏହା ଅବ୍ୟର୍ଥ ଧ୍ୱଂସ ଲାଗି ନୁହେଁ କ୍ଷମା ଲାଗି ଦୟା ଲାଗି କରୁଣା ଲାଗି ସତ୍ୟର ପୁଣ୍ୟ ଆଲୋକରେ ଅଭିଷିକ୍ତ ହେବାଲାଗି । ଅସି ର ଅହମିକାରେ ଆସୁରିକ ଶକ୍ତିର ଆନନ୍ଦରେ ଯୁଦ୍ଧର ପ୍ରତିସ୍ପର୍ଦ୍ଧାରେ ଉତ୍‌ଫୁଲିତ ପାଷାଣ ପ୍ରାଣରେ ବର୍ବର ହୃଦୟକୁ ଦୟା କରୁଣାର ମହାମନ୍ତ୍ରରେ ମୂର୍ଚ୍ଛିତ କରିଦେବାର ମହାଶକ୍ତି ଅହିଂସା । ଅସମ୍ଭବକୁ ସମ୍ଭବ କରିଦେବାର ଏକ ସ୍ୱର୍ଗୀୟ ଅନୁଭବ। ଅତୁଳନୀୟ ଅବିଶ୍ୱସନୀୟ ସତ୍ୟ ଅନୁଭବ । ପ୍ରଣାମ । ସେମାନଙ୍କ ଚରଣ ବନ୍ଦନା ଲାଗି ଚିର ସୁନ୍ଦର କରି ସଜେଇଛି ନିଜକୁ ଦୟା, ଚିର ସୁନ୍ଦର କଲ୍ଲୋଳରେ ଗାଉଛି ଗୀତ । ତାର ଛନ୍ଦରେ ସୁରରେ ପବନ ମତୁଆଲା ହେଉଛି ଆକାଶ ଉନ୍‌ମନା ହେଉଛି, ପୃଥିବୀ ଉତ୍ସବମୁଖର। ପ୍ରଣାମ ।

ଭାରତବର୍ଷର ଭାଗ୍ୟ ନିର୍ଦ୍ଧାରିତ ହୋଇଥିବା ଯୁଦ୍ଧମାନଙ୍କ ମଧ୍ୟରେ କଳିଙ୍ଗ ଯୁଦ୍ଧ ଥିଲା ଅସାଧାରଣ ଓ ଅନନ୍ୟ । ଫଳାଫଳ ଦୃଷ୍ଟିରୁ ଏହା ଥିଲା ସମସ୍ତ ଯୁଦ୍ଧଠାରୁ ପ୍ରଭାବଶାଳୀ ଓ ଯୁଗାନ୍ତକାରୀ । ବିଦେଶୀ ଶକ୍ତି ସହିତ ଯେଉଁ ଯୁଦ୍ଧ ଲଢ଼ି ଏ ଦେଶର ଭାଗ୍ୟ ନିର୍ଦ୍ଧାରିତ ହୋଇଥିଲା ସେମାନଙ୍କ ମଧ୍ୟରେ ହାଇଦାସ୍‌ପେସ୍ ଯୁଦ୍ଧ ତିରୋରୀ ଯୁଦ୍ଧ ପାନିପଥ ଯୁଦ୍ଧ ପଲାସୀ ଯୁଦ୍ଧ ଓ ବକସ୍ୱାର ଯୁଦ୍ଧ ଅନ୍ୟତମ । କଳିଙ୍ଗ ଯୁଦ୍ଧରେ ମାନବଜାତିର ଭାଗ୍ୟ ନିଦ୍ଧାରିତ ହୋଇଥିଲା, ଏ ଦେଶର ଭାଗ୍ୟ ନିର୍ଦ୍ଧାରିତ ହୋଇଥିଲା ।

# ସମର୍ପଣ ଦୟା ନଦୀକୁ

ସମର୍ପଣ ସେଇ ପରମ ପବିତ୍ର ପୁଣ୍ୟମୟ ଜଳଧାରାକୁ । ପ୍ରଣାମ ପୁଣ୍ୟତୋୟା ଦୟା ପ୍ରଣାମ । ପୁଣ୍ୟଶ୍ରୀ ପ୍ରାଚୀପଦ୍ମାର ଚିରନ୍ତନ ପ୍ରଣାମ । ଶବ୍ଦଶିଳ୍ପୀ ସ୍ରଷ୍ଟା ପ୍ରାଣର ପୁଣ୍ୟ ପ୍ରଣାମ । ଦେବଶିଳ୍ପୀର ଦିବ୍ୟ ପ୍ରଣାମ । ଧନ୍ୟ ଦୟା ଧନ୍ୟ ନଦୀର ନାଁ ଦୟା । ଏମିତି ନଦୀ କାହିଁ ପୃଥିବୀରେ ନାଁ ଯାହାର ଦୟା ? "ଦୟା ନଦୀର ଦୟା । ନଦୀର ଦୟା । ନାରୀର ଦୟା । ଦୟାର ଦିବ୍ୟ ଭାବରେ ଅଭୀଷିକ୍ତ ପ୍ରତ୍ୟେକ ପ୍ରାଣୀ ପ୍ରକୃତି ପୃଥିବୀ। ଦୟାର ଦିବ୍ୟ ସ୍ପର୍ଶରେ ଦେବତା ପାଲଟିଛନ୍ତି ସନ୍ନ୍ୟାସୀ ଦଧୀଚି  ପୁଣି ସନ୍ନ୍ୟାସିନୀ କାରୁବାକୀ । ଅସ୍ଥିଦାନଠାରୁ ପ୍ରେମଦାନର ପବିତ୍ର ସାକ୍ଷୀ ପୁଣ୍ୟଶ୍ରୀ ପୁଣ୍ୟତୋୟା ଦୟା ରାକ୍ଷସ ବୃତାସୁରକୁ ପରାଜିତ କରି ସ୍ୱର୍ଗରେ ଶାନ୍ତି ପ୍ରତିଷ୍ଠା ଲାଗି, ହିଂସ୍ର ନରାସୁର ସମ୍ରାଟ ଅଶୋକକୁ ଅହିଂସା ଦୀକ୍ଷାରେ  ଦୀକ୍ଷିତ କରିବାକୁ ମାନବ ମଙ୍ଗଳ ଲାଗି।

ଅସୀମ ଦୟା ନଦୀର ଦୟା । ଅଶୋକଙ୍କୁ ଦୟା । ଦିବ୍ୟଜ୍ଞାନର ଦୟା । ଦେବଭୂମିର ଦୟା, ଦିବ୍ୟ ଦିଗନ୍ତର ଦୟା । ଦିବ୍ୟ ହୃଦୟର ଦୟା । ନିଜ ପାଖରେ ହାରିଯାଇଥିବା  ନିଜ ଚେତନାରେ ହଜିଯାଇଥିବା  ସର୍ବସ୍ୱ ହରାଇଥିବା  ନିସ୍ୱ ନିଷ୍ପାପ ମଣିଷକୁ ଦୟା  ନିଷ୍କାମ ଦୟା । ଶୋକସିକ୍ତ ସନ୍ତାପିତ ସମ୍ରାଟକୁ ଦୟା । ଦିନେ ବିଶ୍ୱ କଲ୍ୟାଣରେ ବ୍ରହ୍ମାସ୍ତ୍ର ନିର୍ମାଣ ଲାଗି ଦେବତାଙ୍କୁ ଦୟା, ଦଧିଚୀଙ୍କୁ ମାନବର ପ୍ରାଣଦାନର ଦୟା । ମୁନିଋଷିର ଦୟା ଦେବଲୋକକୁ ଦୟା  ମହାମାନବର ଦୟା । ଅହିଂସାର ପ୍ରତିଷ୍ଠା ଲାଗି ହିଂସ୍ର ବୃତାସୁରକୁ ନିରସ୍ତ୍ର କରିବାକୁ ନିଜ ହାତରେ ନିର୍ମମ ଜୀବନ ଦାନର ଦୟା । ଭୟ ଆତଙ୍କରେ ଅସହାୟ ଇନ୍ଦ୍ରଦେବଙ୍କୁ ଦୟା ଜୀବନଦାନର ଦୟା । ଧନ୍ୟ ଦୟା ଧନ୍ୟ ଦଧିଚୀ ଧନ୍ୟ ଏକାମ୍ର  ଧନ୍ୟ ତୋଷାଳୀ । ଧନ୍ୟ ତାର ଶିଳା ଶିଳାରେ ଶୋଣିତ, ଧନ୍ୟ ତାର ମାଟି ମାଟିରେ ଅମୃତ, ଅହିଂସାର ବିଜ ମନ୍ତ୍ର ମହାମନ୍ତ୍ର ।

ଦୟାର ଦିବ୍ୟ ଆଲୋକରେ ଦୀପ୍ତ କଳିଙ୍ଗ କନ୍ୟା କାରୁବାକୀର ଦୟା  ପ୍ରେମଦାନର ଦୟା ଦେହଦାନର ଦୟା ସନ୍ନ୍ୟାସିନୀ  ତପସ୍ୱିନୀର ଦୟା ।  ତ୍ୟାଗ ତପସ୍ୟାର ଚରମ ସମର୍ପଣ ଚରମ ଦୟା । ସଂସାରର ମୋହ ତୁଟାଇ ସନ୍ନ୍ୟାସିନୀ ପାଲଟିଥିବା ନାରୀରତ୍ନର ମହାନ୍ ଦୟା, ସଂସାରୀ ସମ୍ରାଟ

ହିଂସ୍ର ସମ୍ରାଟଙ୍କୁ ପ୍ରେମଦାନର ଦେହଦାନର ନିଷ୍କାମ ଦୟା । ମାନବ କଲ୍ୟାଣ ଲାଗି ତ ପୁଣି ସନ୍ନ୍ୟାସିନୀରୁ ସଂସାରୀ ପାଲଟି ଯିବାର ଦୟା । ଏମିତି ଅନୁଭବଟିଏ ମାନବଜାତିର ଇତିହାସରେ ଯେମିତି ବିରଳ ସେମିତି ବିଶ୍ୱବନ୍ଦିତ । ଇଏ କଣ କମ୍ କଥା  କମ୍  ତ୍ୟାଗ କମ୍ ପୁଣ୍ୟ ଜୀବନରେ । ସନ୍ନ୍ୟାସିନୀର ସଂସାରୀ ବ୍ରତ ବଡ ବିଚିତ୍ର ସେ ଅନୁଭବ ବିରଳ ସେ ନିଷ୍ପତି, ବିଶ୍ୱକଲ୍ୟାଣ ଲାଗି ଏତେ ବଡ ନିଷ୍ପତି । ପୁଣି  ନିଜ ପାଇଁ ନୁହେଁ । ଦେଢ଼ଲକ୍ଷ ବନ୍ଦୀ କଳିଙ୍ଗ ସେନାର ପ୍ରାଣରକ୍ଷା  ଲାଗି  ପୁଣ୍ୟ ଅହଂସାର ଦୟା, ନିଜକୁ ହତ୍ୟା ନକରି ସମର୍ପି ଦେବାର ନିର୍ମମ ଦୟା ଏ ଧନ୍ୟ ସନ୍ନ୍ୟାସୀ ଦଧିଚୀ ନିଜକୁ ହତ୍ୟାକରି ଅସ୍ଥି ସମର୍ପି ଦେବାର ନିର୍ମମ ଦୟା ପରି । ଧନ୍ୟ ଦୟା, ଦୟାର ଦିବ୍ୟ ଦୃଶ୍ୟରେ ଚିରନ୍ତନ ଧନ୍ୟ ସେ ଦୟାଧାମ । ସନ୍ନ୍ୟାସିନୀର ପ୍ରୀତିଦାନରେ ହିଂସାର ସମ୍ରାଟ ଅଶୋକ ପାଲଟିଥିଲେ ଅହିଂସାର ସମ୍ରାଟ । ବନ୍ଦୀଙ୍କୁ, ଦେଢ଼ଲକ୍ଷ ବନ୍ଦୀଙ୍କୁ ଜୀବନ ଦାନର ପ୍ରତିଶ୍ରୁତି ଦେଇଥିଲେ । ସନ୍ନ୍ୟାସିନୀର ବିଚିତ୍ର ସର୍ତ ପାଖରେ ପ୍ରୀତିଶକ୍ତିର ସମ୍ମୋହନ ଆଗରେ ଖୁବ୍ ଛୋଟ ଦିଶୁଥିଲେ  ମୌର୍ଯ୍ୟ ସମ୍ରାଟ, ମୂଲ୍ୟହୀନ ଦିଶୁଥିଲା ସ୍ୱର୍ଣ୍ଣମୁକୁଟ ପୁଣି ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟ। ଅଶୋକଙ୍କ ସମଗ୍ର ଚେତନା ଆଲୋକିତ ହୋଇଥିଲା ସେହି ଶବ୍ଦରେ । ପ୍ରୀତିର, ଚରମ ତ୍ୟାଗର ପ୍ରତିଦାନରେ ବିପୁଳ ବିଭବ ବିଳାସ ନୁହେଁ ତ୍ୟାଗର ହିଂସାତ୍ୟାଗ ର ଶବ୍ଦସବୁ ବିମୋହିତ କରିଥିଲା ଅଶୋକଙ୍କୁ । ତ୍ୟାଗ ଅହିଂସାର ପୁଣ୍ୟ ଆଲୋକରେ ଦୟାର ଦିବ୍ୟ ଅନୁଭବରେ ଅଶୋକଙ୍କ ଚେତନା ଯେମିତି ମୁହୂର୍ତେ ଆଲୋକିତ ପୁଣ୍ୟ ଆଲୋକରେ ଦୟାର ଦିବ୍ୟ ଅନୁଭବରେ ଅଶୋକଙ୍କ ଚେତନା ଯେମିତି ମୁହୂର୍ତେ ଆଲୋକିତ ହୋଇଥିଲା  ସେମିତି ଚୈତନ୍ୟର ଚିରଉଜ୍ଜ୍ୱଳ  ପ୍ରଶାନ୍ତ-କୋମଳ କରୁଣା-ସ୍ନିଗ୍ଧ  ଜ୍ୟୋତ୍ସ୍ନା- କୋମଳ ରୂପାନ୍ତର ଯେମିତି ଅସମ୍ଭବକୁ ସମ୍ଭବ କରିଦେବାର ଅପୂର୍ବ କଳାଟିଏ ପ୍ରୀତିର ପ୍ରୀତିଶକ୍ତିର "ପ୍ରୀତି ଆହ୍ଲାଦିନୀ" ଶକ୍ତିର   ।  ପ୍ରୀତିସାଧନରେ ବ୍ରତୀ  ପରମ କଲ୍ୟାଣମୟୀ ପଜ୍ଞା ପାରମିତା ପ୍ରିୟତମା କାରୁବାକୀର । ପ୍ରଣାମ କଲ୍ୟାଣୀୟା ପ୍ରଣାମ । ସୃଜନ ପ୍ରାଣର ଚିର ବନ୍ଦନା କରେ । ପ୍ରୀତି ସାଧନାରେ ଏ'ତେ ସିଦ୍ଧିଅଛି ଯା'ଲାଗି ହୃଦୟ ଥରେ । ଯା' ଲାଗି ହୃଦୟ ଥରେ । ସେ ତ ଅପାଶୋରା ମଙ୍ଗଳ ମୂରତୀ  ଚିର ମଙ୍ଗଳ ଯା' ସେନେହ ପୀରତି ତାର ବନ୍ଦନା କରେ । ଧନ୍ୟ ଆଜି ଏ  ଶିଳ୍ପୀ ପରାଣ ଜଣାଉଛି ଯା'ରେ ପୁଣ୍ୟ ପ୍ରଣାମ ତାର ବନ୍ଦନା କରେ । ଦୟା କରୁଣାର ପୁଣ୍ୟତୋୟା ଯେ ଯା' ଲାଗି ହୃଦୟ ଝରେ । ତାର ବନ୍ଦନା କରେ । ପୁଣ୍ୟମୟୀର ପୁଣ୍ୟ ଆଲୋକ ଧାରେ । ଜାଣେନି କେମିତି ପ୍ରୀତିରେ ପ୍ରୀତିରେ ପ୍ରୀତିସିକ୍ତ ମୁଁ ଯା' ଲାଗି ପରାଣ ଥରେ । କରଯୋଡି ଯା'ର ପ୍ରଣାମ ଜଣାଏ ଯାର ବନ୍ଦନା କରେ । ତା'ର ବନ୍ଦନା କରେ ।  ତା'ର ବନ୍ଦନା କରେ । କେତେ ନିନ୍ଦା ଗାଳି ଯାତନା ଲାଞ୍ଛନା ସହିଥିଲା ଯିଏ ମାନବ ତନୁକୁ ବହି, ଲେଖିଥିଲା "ଦୟାକର କ୍ଷମାକର" ହାତକାଟି ହୃଦ ଦହି । ଆଜି ମୁଁ ଜାଣୁଛି ଏ ଜାତିର କଲ୍ୟାଣେ ମାଟିର କଲ୍ୟାଣେ ଲେଖିଥିଲା ସବୁ ବିହି । ଲେଖିଥିଲା ସବୁ ବିହି । ତୁମ ପାଦଧୂଳି ସରି ମୁଁ ହେବିନି ଆଜି ମୁଁ ବୁଝୁଛି ଚିର ଅକିଞ୍ଚନ ଅବାଟର ବନ୍ଧୁ ମୁହିଁ  । ତୁମ ପ୍ରୀତି

ଦିବ୍ୟ ଆକାଶ-ପ୍ରକାଶ ଅମୃତ-ଆଲୋକ ଧାରା, ସେହି ଅମୃତ ଆଲୋକ ପାନେ ପ୍ରୀତିସ୍ନାତ ହୋଇଛି ଏ ବସୁନ୍ଧରା । ଅଗୋଚର ବୋଲି ଅବାଟର ବନ୍ଧୁ ମୁହିଁ ଅବାଟର ବନ୍ଧୁ ମୁହିଁ। ମୋର ହାତଧରି ଥରୁଟିଏ କୁହ "ତୁମ ଲାଗି କ୍ଷମା ନାହିଁ, ତୁମ ଲାଗି କ୍ଷମା ନାହିଁ" । ଏତିକି ଶୁଣିବା ପାଇଁ ଜୀବନେ ମରଣେ ମୃତ୍ୟୁ ପାରିନି ଛୁଇଁ ମୃତ୍ୟୁ ପାରିନି ଛୁଇଁ । ଅବାଟର ବନ୍ଧୁ ମୁହିଁ ଅବାଟର ବନ୍ଧୁ ମୁହିଁ । କୁହ ଥରୁଟିଏ ତୁମଲାଗି କ୍ଷମା ନାହିଁ । ଧନ୍ୟ ହୋଇଛି ପ୍ରାଣ ଲଭି ତୁମ ଟାଣପଣ ପ୍ରୀତିପଣ । ପୁଣ୍ୟ ଲଭିଛି ପ୍ରାଣପଣେ ପ୍ରୀତିରଣେ ଜାଣି ନାହିଁ "ପ୍ରୀତି କ'ଣ ?" "ପ୍ରୀତି କ'ଣ ?"କ୍ଷମାକର । ପ୍ରଣାମ।

# ସମର୍ପଣ ଦିବ୍ୟ ଦୁଇ ଆଖିକୁ

ସମର୍ପଣ। ପ୍ରୀତିର ପରମ ସମର୍ପଣ ପ୍ରୀତିଲଗ୍ନା କାରୁବାକୀ ଙ୍କ ଦୁଇ ଆଖିକୁ । କୋମଳ ଉଜ୍ଜ୍ୱଳ ସେଇ ଆଖି । ଦିବ୍ୟ ସୁନ୍ଦର ଦୁଇ ଆଖି । ଅମୃତ କଳସ ପରି ଦିବ୍ୟ ଆନନ୍ଦରେ ଢ଼ଳଢ଼ଳ ଦୁଇ ଆଖି । ଆଖିରେ ଅମୃତ ଐଶ୍ୱର୍ଯ୍ୟ । କୃଷ୍ଣଘନ ଭଳି ଘନକୃଷ୍ଣ ସେ ଆଖି । ଅନନ୍ତ ସମ୍ଭାବନାରେ ଅସମ୍ଭାଳ ସେ ଆଖି । ସରଗ ଚାନ୍ଦ ଭଳି ଚିକକଣ ସେ ଆଖି । ସରଗ ତାରା ଶରତ ଆକାଶ ସେ ଆଖି । ସ୍ୱପ୍ନ ପ୍ରବଣ ସ୍ନେହ ପ୍ରବଣ ସେ ଆଖି , ସ୍ନେହର ସରଗ ସେ ଆଖି । ସରଗ ସୁନ୍ଦର ଆଖି । ସବ୍ରର୍ତ ସର୍ବଦର୍ଶୀ ସେ ଆଖି । କିଶଳୟ କୁସୁମିତ ଆଖି, କୁରଙ୍ଗୀ କୃଷ୍ଣସାର ଆଖି, କୃଷ୍ଣା କାଦମ୍ବିନୀ ଆଖି, କମଳିନୀ କୁସୁମିତ ଆଖି, କୃଷ୍ଣଚୁଡା କରବୀର ଆଖି, କନକ ଚମ୍ପାର ଆଖି, କୋମଳ କଦମ୍ବ ଆଖି, ଏକାକିନୀ କୋକିଳର ଆଖି, କୈଶୋର ଯୌବନର ଆଖି, କ୍ରାନ୍ତିର ଆଖି, ତୃପ୍ତ ତରଙ୍ଗିଣୀ ଆଖି, ଗିରିବର ଗିରିଶୃଙ୍ଗ ଆଖି, ଚପଳା ଚକୋରୀ ଆଖି, ଚତୁରୀ ଚନ୍ଦ୍ରମୁଖୀ ଆଖି, ତନ୍ମୟ ତନ୍ଦ୍ରାଚ୍ଛନ୍ନ ଆଖି, ଚନ୍ଦ୍ରକିତ ତାରକିତ ଆଖି, ନବଘନ ନବବଧୂ ଆଖି, ପ୍ରିୟମ୍ବଦା ପ୍ରେୟସୀ ଆଖି, ନମ୍ର ନୀରବ ଆଖି, ପ୍ରଜାପତି ପ୍ରଣୟିନୀ ଆଖି, ପ୍ରିୟଙ୍ଗୁ ପ୍ରେୟସୀ ଆଖି, ଜ୍ୟୋତ୍ସ୍ନାମୟ ଜ୍ୟୋତିଷ୍ମାନ୍ ଆଖି । ଶରତ ସୂର୍ଯ୍ୟାସ୍ତ ଆଖି, ସୌମ୍ୟା ସୁହାସିନୀ ସେ ଆଖି। ସ୍ୱପ୍ନାବତୀର ଅଳସ ମୁଦ୍ରା ସେ ଆଖିରେ, ପ୍ରୀତି କବିତାର ଲଳିତ ନିମନ୍ତ୍ରଣ ସେ ଆଖିରେ, ଅନନ୍ତ ଅନ୍ୱେଷାର ମନ୍ତ୍ରପାଠ ସେ ଆଖିରେ । ଓଁ ର ଅପୂର୍ବ ଉଚ୍ଚାରଣ ସେ ଆଖିରେ, ମୂରଲୀ ମନୋହର ମୁଗ୍ଧ ବିଭୋର ସେ ଆଖିରେ, ଧନ୍ୟ ସେ ଦୁଇ ଆଖି । ସ୍ନିଗ୍ଧ ଢ଼ଳଢ଼ଳ ଦୁଇ ଆଖି, ଶୁଦ୍ଧ ସମୁଜ୍ଜ୍ୱଳ ଆଖି, ସୌମ୍ୟା ସୋନା ଭଳି ସୋନାଲି ଭଳି ଚିର ସୁନ୍ଦର ସେ ଆଖି । ତପସ୍ୱିନୀ ତେଜସ୍ୱିନୀ ଆଖି ସ୍ୱୟଂପ୍ରଭା ହେମପ୍ରଭା ଆଖି, ଦିବ୍ୟାଦେବୀ ଦେବାଙ୍ଗନା ଆଖି, ଗଦ୍ୟପଦ୍ୟ ର ଗନ୍ତାଘର ସେ ଆଖି । କୃଷ୍ଣାଭ କୋମଳ ସେ ଆଖି, ଆକର୍ଷଣୀୟ ଅଜ୍ଞେୟ ସେ ଆଖି । ସ୍ୱର୍ଗଶିରୀ ସେ ଆଖି, ସ୍ୱର୍ଗସୁଖରେ ସ୍ୱପ୍ନବିଭୋର କି' ସୁନ୍ଦର ମନଲାଖି । ସ୍ୱପ୍ନିଳ ସ୍ୱର୍ଣ୍ଣଭୂମି ସେ ଆଖି, ସ୍ୱର୍ଣ୍ଣାଭ ସ୍ୱର୍ଣ୍ଣଦୀ ସେ ଆଖି, ସୁନ୍ଦର ପଣର ସ୍ୱର୍ଗୀୟ ବିଳାସ ସେ ଆଖି, ସୁଷମା ସର୍ବସ୍ୱ ସେ ଆଖି, ସଦ୍ୟସ୍ନାତ

ଶ୍ୱେତପଦ୍ମର ପାଖୁଡା ପରି ପୂରିଲା ପୂରିଲା ଆଖି । ଢ଼ଳଢ଼ଳ ଛଳଛଳ ଆଖି, ସ୍ୱର୍ଗ ସୌନ୍ଦର୍ଯ୍ୟର ସ୍ୱର୍ଣ୍ଣାକ୍ଷର ସେ ଆଖି, ହିମଶୃଙ୍ଗର ହେମକାନ୍ତି ସେ ଆଖି, ରଜତ ଜ୍ୟୋସ୍ନାର ରତ୍ନପନ୍ତି ସେ ଆଖି, ସ୍ୱପ୍ନସୁନ୍ଦର ସ୍ୱର୍ଣ୍ଣମୃଗ ସେ ଆଖି, ସ୍ୱର୍ଗ ବିଭୂତିର ପ୍ରାପ୍ତିଭଳି, ଦିବ୍ୟ ଆନନ୍ଦର ଅନୁଭବ ଭଳି ସେ ଆଖି, ଲାବଣ୍ୟମୟୀ ର ଲୋଭନୀୟ ଆଖି । ଚେତନାରେ ଚିରନ୍ତନ ସେ ଆଖି । ପ୍ରଣାମ ସେ ଆଖିକୁ, ସେ ଆଖିର ସୃଜନ ବନ୍ଦିତ ଶିଳ୍ପୀକୁ । ପ୍ରଣାମ ।

ମନେ ହେଉଥିଲା, ସଖୀରେ କିରଙ୍ଗେ ସାରଙ୍ଗ ସାରଙ୍ଗ ଫିଙ୍ଗୁଥିଲେ ଢ଼ଳିଢ଼ଳି, ସଖୀରେ କିରଙ୍ଗେ ସାରଙ୍ଗ ସାରଙ୍ଗ ନାଚୁଥିଲେ ଢ଼ଳିଢ଼ଳି । ସଖୀରେ କିରଙ୍ଗେ ସାରଙ୍ଗ ସାରଙ୍ଗ ହେଉଥିଲେ କୋଳାକୋଳି, ସଖୀରେ କିରଙ୍ଗେ ସାରଙ୍ଗ ସାରଙ୍ଗ କରୁଥିଲେ ମିଶି କେଳି । ସଖୀରେ କିରଙ୍ଗେ ସାରଙ୍ଗ ସାରଙ୍ଗ ଚୁମୁଥିଲେ କରି କଳି , ସଖୀରେ କିରଙ୍ଗେ ବିଭୋର ଏପ୍ରାଣ ଯିବେ ଯାଉଥିଲେ ଦୁହେଁ ମିଳି । ସଖୀରେ କିରଙ୍ଗେ ସାରଙ୍ଗ ଗାଇଲା ନବ ପଲ୍ଲବେ ରହି , ସଖୀରେ କିରଙ୍ଗେ ସାରଙ୍ଗ ଉଇଁଲା ସୁଧା ଢ଼ାଳିବା ପାଇଁ ।

ପ୍ରଣାମ ସେ ଆଖିକୁ, କୃଷ୍ଣାଭ ସ୍ୱପ୍ନିଳ ସୁନ୍ଦର ସେ ଆଖି, ସେ ଆଖିର ସମ୍ମୋହନ, ତାର ମୋହନ ମାୟା ମୋହିନୀ ମୋହ । ମଧୁଝରା ସୁଧାଝରା ସ୍ନେହଝରା । Beautiful eyes, dark dreamy delicious eyes, its penetrating attraction eternal intuition illumne intense infatuation, sweet like ambrosia, ever intoxicated in sublime ecstasy and sweet love , ଯେ ଝରାଇପାରେ କଲ୍ୟାଣୀ ଧରିତ୍ରୀର ଲୁହ, ବୁହାଇପାରେ ଧାରା ଶ୍ରାବଣର ପ୍ରୀତିଧାରା, ଯେ ସ୍ୱପ୍ନ ଦେଖେ ଅନନ୍ତ ସମ୍ଭାବନାରେ ପୂର୍ଣ୍ଣ ପ୍ରୀତିପୂର୍ଣ୍ଣା ପ୍ରିୟତମର, ଯେ ସ୍ୱପ୍ନ ଦେଖାଇପାରେ ଅନନ୍ତକାଳ ଯାଏ ପ୍ରୀତି ପ୍ରାଣର ପ୍ରୀତିମଗ୍ନ ଆଖିରେ ତାର ସୌନ୍ଦର୍ଯ୍ୟର, ଅତୁଳ ସୌନ୍ଦର୍ଯ୍ୟର, ଅନିନ୍ଦ୍ୟ ସୌନ୍ଦର୍ଯ୍ୟର ଯେମିତି ଅନନ୍ତ ଐଶ୍ୱର୍ଯ୍ୟର ଗନ୍ତାଘର ସେ ସୌନ୍ଦର୍ଯ୍ୟ, ସ୍ୱର୍ଗସୁଖର ସରସ ଅନୁଭବ ସେ ସୌନ୍ଦର୍ଯ୍ୟ, ଦୁଗ୍ଧ ଫେନୀଳ, ଚନ୍ଦ୍ରଶୀତଳ ଶଯ୍ୟା ସେ ସୌନ୍ଦର୍ଯ୍ୟ, ପୀତ ଲୋହିତ ଲାବଣ୍ୟର ନଈ ସେ ସୌନ୍ଦର୍ଯ୍ୟ ଯେଉଁଠି ଅଳସ ଭାଙ୍ଗୁଛି ଅଜସ୍ର କାମନାର ଲହରୀ, କୁଆଁରୀ ମନର ଗୋପନ ପ୍ରୀତିର ଗଦ୍ୟମୟ ଅନୁଭବର ପଦ୍ୟମୟ ଅନୁଭବର ଛଳଛଳ ଉଚ୍ଛଳ ଅନୁଭବର, ସରଳ ତରଳ କାନ୍ତ କୋମଳ ପ୍ରକାଶର ପ୍ରକାଶ ପର୍ବର । ସେ ପର୍ବ ଅପୂର୍ବାର ପ୍ରୀତିପର୍ବ ଯେମିତି ଅନୁଚାରିତ ଶବ୍ଦସବୁ, କମ୍ପନ ସବୁ ମୁହୂ□ ଉଚ୍ଚାରିତ ହୋଇଯିବାର, ଉଚ୍ଚାଟିତ ହୋଇଯିବାର ଉଚ୍ଛଳ ଅନୁଭବ, ବିରଳ ଅନୁଭବ ଯାହାର ପଚାନ୍ତର ନାହିଁ ଅଛି ଜଡେଇ ଧରି ରଖିବାର ଉଷ୍ମ ଶୀତଳ ଚନ୍ଦ୍ରାଳସ, ନିରେଖି ଦେଖିବାର ତନ୍ଦ୍ରାଳାସ, ନିଟୋଳ ମାଂସଳ ଯୌବନର ରଙ୍ଗ ଯେମିତି ଚାରୁଚିତ୍ରପଟ୍ଟ ଚିତ୍ରକିତ

ଚୈତାଳିର, ଚହଲା ପାଣିରେ ସୂର୍ଯ୍ୟାସ୍ନାତ କୁମାରୀ ତନୁ ଲାବଣ୍ୟର, ଆଉଟା ସୁନାର ରଙ୍ଗ ବୋଲି ହୋଇଯାଇଛି ହେମକୃଷ୍ଣ କୃଷ୍ଣଶ୍ୟାମଳ ତନୁ ବଲ୍ଲରୀରେ ସତେ ଅବା ତାରା[illegible]ତ ନୀଳ ଜ୍ୟୋସ୍ନା ତନୁଶ୍ରୀର ସୁଷମାନ୍ୱିତ ପ୍ରକାଶକୁ ପ୍ରକଟିତ କରୁଛି ।

ସମୟର ମହାସାଗରରେ ଶୀତଳ ଚନ୍ଦ୍ରଛାଇ, ଘନସାନ୍ଦ୍ର ମୁଗ୍ଧ ଅନୁଭବ, ଗୀତିମୁଗ୍ଧ ପ୍ରୀତି ଅନୁଭବ, ଚନ୍ଦ୍ର ଶୀତଳ, ଉଷ୍ମ କୋମଳ ପୁଲକିତ ଅନୁଭବ, ଅନନ୍ତ ଅନନ୍ୟ ଅନୁଭବ ଦିବ୍ୟ ମାନବ ତନୁଶ୍ରୀର । ଅଦ୍ଭୁତ ସେ ଦୁଇ ଆଖି, ଆଖିର ଆକର୍ଷଣ । ସ୍ରଷ୍ଟାର ଚେତନାକୁ ଉଚ୍ଛନ୍ନ କରିଦେଲା ଭଳି ଆଖି । ଚିରନ୍ତନ ଧରି ରଖିଲା ପରି ସେ ଆଖି । ଉନ୍ମୀଳିତ, ଉତଫୁଲିତ ଆଖି, ଅଜସ୍ର ସ୍ୱପ୍ନର ଉପତ୍ୟକା ସେ ଆଖି, ଅଜସ୍ର ରଙ୍ଗର ଉଚ୍ଛ୍ୱାସ । ସେ ଆଖିରେ ଏତେ ଐଶ୍ୱର୍ଯ୍ୟ, ସେ ଚାହାଣିରେ ଏତେ ଚମତ୍କାରିତା ସତେ ଅବା ଘନସାନ୍ଦ୍ର କବିତାର ସଦ୍ୟଫୁଟନ୍ତା ପାଖୁଡା ପାଖୁଡା ଫୁଲ ହୋଇ ଫୁଟି ଯାଉଛି ପ୍ରତି ମୁହୂ[illegible]ରେ । ସେ ଆଖିରେ ଲୁହର ମୁକ୍ତା କେବେ ଲାବଣ୍ୟର ମଲ୍ଲୀ, ପୁଷ୍ପିତା ମଧୁସ୍ମିତାର ମହକ ପୁଲକ । କେବେ ଗର୍ଜିଲା ମେଘର ଗମ୍ଭୀରତା ପୁଣି ମୁକୁଳା ମେଘର ମହ୍ଲାର । ଅପୂର୍ବ କମନୀୟ କୃଷ୍ଣମୟ ମୁହଁ, କୃଷ୍ଣାଭ ସେ ଆଖି, ଆଖିର ଭ୍ରୁଲତା । ସ୍ୱର୍ଗୀୟ ସୁଷମା ସେ ଆଖିରେ, ସ୍ୱର୍ଗୀୟ ମହକ ସେ ପ୍ରୀତିରେ, ପ୍ରୀତିର ଅନାହତ ମୂର୍ଚ୍ଛନାରେ ମୂର୍ଚ୍ଛିତ ମନ ହୃଦୟ କାଳ ମହାକାଳ । ସେଇ ପ୍ରଣମ୍ୟ ଦୁଇ ଆଖିରେ ପ୍ରୀତିସ୍ନାତ ହେବା ଦିବ୍ୟ ଦୁର୍ଲଭ ଅନୁଭବ ସ୍ରଷ୍ଟାର ସୃଜନ ଶିଳ୍ପୀର, ଚିରନ୍ତନ ଅନୁଭବର ଚିରସୁନ୍ଦର ଅନୁଭବ । ପ୍ରଣାମ ।

# ସମର୍ପଣ ଶିଳାଲେଖକୁ

ସମର୍ପଣ ସେଇ ସ୍ନେହ କୋମଳ ଶିଳାଲେଖକୁ ତାର ସାଇତା ସମ୍ପଦକୁ ପ୍ରଣାମ । ସମ୍ରାଟ ଅଶୋକ ଦୀର୍ଘ ୪୦ ବର୍ଷ ଧରି ଶାସନ କରିଥିଲେ ଖ୍ରୀଷ୍ଟପୂର୍ବ ୨୭୩ରୁ ୨୩୩ ପର୍ଯ୍ୟନ୍ତ । ତାଙ୍କର ମୃତ୍ୟୁ ପରେ ଦୀର୍ଘ ୫୦ବର୍ଷ ମୌର୍ଯ୍ୟ ସାମ୍ରାଜ୍ୟ ଦୃଢ଼ ଥିଲା । ଖ୍ରୀଷ୍ଟପୂର୍ବ ୧୮୫ରେ ବିଦ୍ରୋହ ଦ୍ୱାରା ମୌର୍ଯ୍ୟ ବଂଶର ଶେଷ ରାଜା ବୃହଦ୍ରଥଙ୍କୁ ହତ୍ୟା କରି ତାଙ୍କର ବ୍ରାହ୍ମଣ ସେନାପତି ପୁଷ୍ୟମିତ୍ର ଶୃଙ୍ଗ ରାଜା ହୋଇଥିଲେ । ଏଥିରୁ ସ୍ପଷ୍ଟ କାରୁବାକୀ ମହାରାଣୀ ଥିଲେ ଓ ଅଶୋକଙ୍କ ପରେ ତାଙ୍କର ପୁତ୍ର ତିବର ସମ୍ରାଟ ହୋଇଥିଲେ । କାରଣ ସ୍ତମ୍ଭଲେଖ ସାତ **Pillar Edict-VII** ରେ ତିବରଙ୍କ ନାମ ଲିପିବଦ୍ଧ ହୋଇଛି । ଶିଳାଲିପି ରାଜ୍ୟ ଶାସନରେ ପ୍ରମାଣ ପତ୍ର ଓ ସମସ୍ତଙ୍କର ସ୍ୱୀକୃତ । ପୁଣି ଅଶୋକଙ୍କ ଅନ୍ୟ ପୁତ୍ରମାନଙ୍କର ନାମ ଶିଳାଲେଖରେ ସ୍ଥାନ ପାଇ ନାହିଁ । ଅନ୍ୟ ଦୁଇ ପୁତ୍ର କୁନାଳ ଓ ଜଲୌକାଙ୍କ ନାମ ପ୍ରାଚୀନ ସାହିତ୍ୟରୁ ଜଣାଯାଏ ଓ ମହେନ୍ଦ୍ର ନାମ ବୌଦ୍ଧଗ୍ରନ୍ଥରୁ ଜଣାଯାଏ । ବାୟୁ ପୁରାଣରୁ ଜଣାଯାଏ ଅନ୍ଧ ପୁତ୍ର କୁନାଳ ମାତ୍ର ୮ ବର୍ଷ ରାଜତ୍ୱ କରିଥିଲେ ତାଙ୍କର ପୁତ୍ର ସମ୍ପ୍ରତି ସାହାଯ୍ୟରେ । କୁନାଳ ଗାନ୍ଧାର (ସୁଦୂର ଆଫଗାନିସ୍ଥାନ)ର ରାଜା ହୋଇଥିଲେ । କାଲହଣଙ୍କ ରଚିତ ରାଜତରଙ୍ଗିଣୀରୁ

ଜଣାଯାଏ ଅଶୋକଙ୍କ ପୁତ୍ର ଜଲୌକା ସୁଦୂର କାଶ୍ମୀରରେ ସ୍ୱାଧୀନ ରାଜାଭାବେ ଶାସନ କରୁଥିଲେ । ଏଥିରୁ ସ୍ପଷ୍ଟ ଅଶୋକଙ୍କ ପରେ ମହାରାଣୀ କାରୁବାକୀଙ୍କ ନେତୃତ୍ୱରେ ପୁତ୍ର ତିବର ଶାସନ କରିଥିଲେ ଓ ଅନ୍ୟ ଭାଇମାନଙ୍କୁ ହତ୍ୟା ନକରି ସ୍ୱାଧୀନ ରାଜ୍ୟ ଦେଇଥିଲେ ।

ଧନ୍ୟ କଳିଙ୍ଗ ଧନ୍ୟ । ସ୍ୱୟଂ କୂଟନୀତି ବିଶାରଦ ମହାପଣ୍ଡିତ ଚାଣକ୍ୟ ଲେଖିଛନ୍ତି ସ୍ୱୀକାର କରିଛନ୍ତି ସମ୍ମାନ ଦେଇଛିନ୍ତି ଯୁଗଯୁଗ ପାଇଁ 'କଳିଙ୍ଗାଃଶ୍ଚ ରାଜା ଶ୍ରେଷ୍ଠା'। ପ୍ରାଚୀନ ପୁରାଣରେ "କଳିଙ୍ଗାଃ ସାହସୀକାଃ" । କପିଳ ସଂହିତାରେ "ଉତ୍କଳସ୍ୟ ସମୋଦେଶ ଦେଶୋ ନାସ୍ତି ମହିତଳେ" । କଳିଙ୍ଗ ଯୁଦ୍ଧ ପୃଥିବୀ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଯେଉଁ ଯୁଦ୍ଧରୁ ଅହିଂସାର ପ୍ରେରଣା ମାନବଜାତିକୁ ପ୍ରଥମେ
ମିଳିଥିଲା । ପୁଣି ପ୍ରଥମେ ବୌଦ୍ଧଧର୍ମକୁ ଏସିଆ ମହାଦେଶରେ ଗଣଧର୍ମରେ ପରିଚିତ କରିଥିଲେ ସାମ୍ରାଜ୍ଞୀ କାରୁବାକୀ ସମ୍ରାଟ ଅଶୋକ । କାରୁବାକୀଙ୍କ ସ୍ନେହଶୀଳ ସାନ୍ନିଧ୍ୟରେ ଅଶୋକଙ୍କର ହୃଦୟରେ ଯେଉଁ ଦେବଶକ୍ତିର ଉତରଣ ଘଟିଥିଲା ତାର ପରିଣାମ ଥିଲା "ଅଶୋକ ଧର୍ମ୍ମ"ର ପ୍ରତିଷ୍ଠା, ମୋଗଲ ସମ୍ରାଟ ଆକବର ସବୁଧର୍ମର ସାରମର୍ମକୁ ନେଇ "ଦିନ୍-ଇ-ଲାହି"ର ପ୍ରତିଷ୍ଠା କଲାଭଳି ।

ଜଣେ ରାଜପୁତ୍ର ଭାବେ ଜୀବନରେ ଏହି ମହନୀୟ ଗୁଣସବୁ ସେ ଅଙ୍ଗେ ନିଭେଇଥିଲେ । ମଗଧରୁ ନିର୍ବାସିତ ନିଃସ୍ୱ ହୋଇ କଳିଙ୍ଗରେ ଆଶ୍ରିତ ହୋଇଥିଲେ । ଜୀବନର ବୌଦ୍ଧିକ ସତ୍ୟକୁ ସମସ୍ତ ଧର୍ମର ସାରମର୍ମକୁ ସତ୍ୟମର୍ମକୁ ସେ ହୃଦୟଙ୍ଗମ କରିଥିଲେ କଳିଙ୍ଗରେ । ଜୀବନର ସତ୍ୟ ଅନୁଭବ ନ ଥିଲେ ଏସବୁ ଲେଖିବା ଅସମ୍ଭବ । ଏଥିରୁ ସ୍ପଷ୍ଟ ଜୀବନରେ ସେ ଯେମିତି ପରସ୍ପର ବିପରୀତ ଗୁଣ ଗୁଡିକୁ ଚରମ ଭାବରେ ଉପଲବ୍ଧି କରିଥିଲେ ।

ପରମା ସୁନ୍ଦରୀ ପ୍ରିୟତମା କାରୁବାକୀର ପ୍ରଚଣ୍ଡ ପ୍ରଭାବ ଓ ପ୍ରେରଣାରେ ସେ ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଛନ୍ତି ଯେମିତି ମାଟିରୁ ମହାତ୍ମା । ତାର ତୁଳନା ନାହିଁ । ଯେମିତି ସେ ସମସ୍ତଙ୍କ ପାଖରେ ଚିରକାଳ ନତମସ୍ତକ କୃତ୍ୟକୃତ୍ୟ ହୋଇଯାଇଛନ୍ତି । ଯେଉଁମାନେ ତାଙ୍କୁ ଜୀବନର ଭଲମନ୍ଦ ଗୁଣ ଗୁଡିକର ଚରମ ଅନୁଭବ ଆଣିଦେଇଛନ୍ତି । ଶେଷରେ ଦାସଦାସୀ ମାନଙ୍କୁ "ଦୟା" କରିବାକୁ କହିଛନ୍ତି । 'ଇଏ' କଣ କମ କଥା ଗୋଟେ ରଜାର ? ପ୍ରବଳ ପ୍ରତାପୀ କ୍ଷମତାଶାଳୀ ରାଜାର । କ୍ଷମାଶୀଳ ସ୍ନେହଶୀଳ ନମ୍ର ଉଦାର ଉଚ୍ଚାରଣ ଏ । ଯଥାର୍ଥରେ ସେ ଯେଉଁ ମହାନ୍ ମାନବୀୟ ଗୁଣାବଳୀର ପୂଜା କରିଛନ୍ତି ବିଶ୍ୱମାନବ ଧର୍ମର ପ୍ରାଣ ପ୍ରତିଷ୍ଠାତା ହୋଇ ତାହାର ଅରୁଣୋଦୟ ସେ ଦେଖିଥିଲେ କଳିଙ୍ଗରେ, ଅଙ୍ଗେ ନିଭେଇଥିଲେ ଜୀବନରେ । ଧନ୍ୟ କଳିଙ୍ଗର ମାଟି ମଣିଷ ଆକାଶ ଯାହାକୁ ବିଶ୍ୱଧର୍ମର ପୀଠ ରୂପେ ସ୍ୱୟଂ ବାଛିଥିଲେ ଯୁଗଶିଳ୍ପୀ ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଗ ଶେଷରେ । ଯେଉଁଠି ଦିନେ ମହାମନିଷୀ ଦଧିଚୀ ନିଜର ଅସ୍ଥିଦାନ ଦେଇଥିଲେ ବିଶ୍ୱକଲ୍ୟାଣ ପାଇଁ ଅହିଂସା ଭାବରେ ହିଂସ୍ର ବୃତାସୁରର ନିଧନ ପାଇଁ, ଧନ୍ୟ ସେଇ କଳିଙ୍ଗର ବୀରପ୍ରସୂ ମାଟି ଯେଉଁଠି

ଶକ୍ତି ପ୍ରୀତି ସାହସ ଓ ଅହିଂସାର ଚରମ ଅନୁଭବକୁ ଅନୁଭବ କରିଥିଲେ ବିଶ୍ୱବନ୍ଦିତ ମହାତ୍ମା ଅଶୋକ କାରୁବାକୀ ଖାରବଳ ସୁବାସ ବୋଷ, ଉତ୍କଳମଣି ପୁଣ୍ୟଶ୍ରୀ ଗୋପବନ୍ଧୁ ଯେମିତି ଯୁଗଯୁଗ ଧରି ଅନୁଭବ କରିଥିଲେ ଏହାର ସ୍ୱାଧୀନତାପ୍ରିୟ ଶାନ୍ତିପ୍ରିୟ ଶକ୍ତିପ୍ରିୟ ଉଦାର ଧର୍ମପ୍ରିୟ ଅହିଂସାପ୍ରିୟ ଅଧିବାସୀଗଣ ଯେଉଁମାନେ ଦୀର୍ଘ ୧୭୦୦ ବର୍ଷ ଧରି ଧରାଧାମରେ ସ୍ୱାଧୀନତାକୁ ବଜାୟ ରଖିଥିଲେ । ସେମାନେ ଧର୍ମ ନାମରେ ଲଢ଼େଇ କରି ନ ଥିଲେ, ଧର୍ମକୁ କାହା ଉପରେ ଲଦି ଦେଇନଥିଲେ, ଧର୍ମର ବିକାଶ ଲାଗି ନିଜ ଦେଶକୁ ଭାଗଭାଗ କରି ନଥିଲେ । ସେମାନେ ବିଶ୍ୱରେ ବିରଳ ବିସ୍ମୟ ଯଥାର୍ଥରେ ମାନବଧର୍ମ ବିଶ୍ୱଧର୍ମ ଜଗନ୍ନାଥ ଧର୍ମର ବାର୍ତ୍ତାବହ । ସେ ଦିନ ଆଉ ଡେରି ନୁହେଁ ଯେମିତି ସେ ସକାଳ ଆସନ୍ନ । ଅଶୋକ ଲେଖିଛନ୍ତି ଯେମିତି ଅଙ୍ଗୀକାରବଦ୍ଧ ହୋଇଛନ୍ତି ପ୍ରିୟତମା କାରୁବାକୀର ଅହିଂସ ଆଚରଣରେ "ଧର୍ମଦ୍ୱାରା ଯେଉଁ ବିଜୟଲାଭ କରାଯାଏ ତାହା ହେଉଛି ସର୍ବୋତ୍କୃଷ୍ଟ ବିଜୟ" । ଏହି ଧର୍ମ କ'ଣ ? ଏହି ଧର୍ମ କଳିଙ୍ଗର କଳିଙ୍ଗାଃର କଳିଙ୍ଗକନ୍ୟାର, କଳିଙ୍ଗର ମାଟି ମଣିଷ ଆକାଶର। ଏହି ଧର୍ମ ମାନବଧର୍ମ ବିଶ୍ୱଧର୍ମ ।

ସାହସୀ ବୀର ସ୍ୱାଧୀନତାପ୍ରିୟ କଳିଙ୍ଗକୁ ଇଂରେଜମାନେ ଏପରି ଚତୁରତା ସହିତ ଧ୍ୱଂସ କରିଛନ୍ତି ସମଗ୍ର ଭାରତବର୍ଷର ଏତେ କ୍ଷତି କରିନାହାଁନ୍ତି ଯେମିତି ଆମ ଦେଶରେ ଧର୍ମର ପାଚେରି କରି ଆମକୁ ପାଚେରି ଜଗାଇ ଦେଇଛନ୍ତି ଆମ ରକ୍ତରେ ହୋରି ଖେଳିବାକୁ ତାଙ୍କ ହାତ ତିଆରି ବନ୍ଧୁକ ଗୁଳି ଧରାଇ ଦେଇଛନ୍ତି । ଯେମିତି ଦେଶକୁ ସ୍ୱାଧୀନତା ପରେ ଛାଡି ଯାଇନାହାଁନ୍ତି ଯେ ବିଦେଶୀ ଗୁଳି ବନ୍ଧୁକ ଛାଡି ଯାଇଛନ୍ତି । ସେମାନେ ସୁଦୂର କଲିକତାରେ ଓଡିଶାର ଜମିଦାରୀ ନିଲାମ କରି ସେନା ସାମନ୍ତ ଶିଳ୍ପୀ କୃଷକ ସମସ୍ତଙ୍କୁ ସର୍ବହରା ଦାଣ୍ଡର ଭିକାରି କରିଥିଲେ । ଚକ୍ରାନ୍ତ କରି ମହାନ୍ କଳିଙ୍ଗର ସୀମାକୁ ସଙ୍କୁଚିତ କରିଥିଲେ ସୁଦୂର ଗୋଦାବରୀ ତଟରୁ ମାଡ୍ରାସ ପ୍ରୋଭିନସକୁ ଅଲଗା କରି । ଚତୁର ବଙ୍ଗାଳୀମାନେ ବାଙ୍କୁଡା ରୁ ମେଦିନୀପୁର ଯାଏ ଓଡିଶାର ଐତିହ୍ୟ ଇତିହାସ ଭାଷା ସଂସ୍କୃତକୁ ଧ୍ୱଂସ କରିଦେଲେ । ପଶ୍ଚିମରୁ ସଢ଼େଇକଳା ଖରସୁଆଁକୁ ଅଲଗା କରାଯାଇ ସୀମାକୁ ଛେଦନ କରାଗଲା ।

ଦ୍ୱିତୀୟ ମହାପାଟରାଣୀ କଳିଙ୍ଗ କନ୍ୟା କାରୁବାକୀର ନିର୍ଭୀକ ନେତୃତ୍ୱରେ ଅଶୋକ ମୁଗ୍ଧ ହୋଇଥିଲେ । କଳିଙ୍ଗ ଯୁଦ୍ଧର ଦୀର୍ଘ ଅଢ଼େଇ ବର୍ଷ ପରେ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ବୌଦ୍ଧଧର୍ମର ପ୍ରଚାର ପ୍ରସାର ଦେଶ ବାହାରେ କରିବାକୁ ସ୍ୱୀକୃତି ଦେଇଥିଲେ । ସବୁଠାରୁ ବଡ କଥା ସେ ଧର୍ମାନ୍ଧ ନଥିଲେ । ଧର୍ମ ନିରପେକ୍ଷତାକୁ ନିଷ୍ଠାର ସହିତ ପାଳନ କରିଥିଲେ । ଅହିଂସା ପରମ ଧର୍ମ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ଅନ୍ୟ ସମସ୍ତ ଧର୍ମକୁ ସମ୍ମାନ ଦେଇଥିଲେ । ବଳପୂର୍ବକ କାହା ଉପରେ ବୌଦ୍ଧଧର୍ମ ଲଦିଦେଇ ନ ଥିଲେ । ଇଏ କଣ କମ୍ ଗୌରବ । ଗୋଟେ ରାଜାର ଧର୍ମନିଷ୍ଠା ଧର୍ମପାଳନ ଧର୍ମବିଜୟ ଧର୍ମଧାରଣା ଆଗରେ ଆଜି ଆମର ମୁଣ୍ଡ ଆକାଶ ଛୁଇଁ ଯାଉଛି । ସେ

ତାଙ୍କର ଶିଳା ଅନୁଶାସନରେ ଜୀବନର ପ୍ରକୃତ ଧର୍ମକୁ ଲିପିବଦ୍ଧ କରିଥିଲେ 'ଅଶୋକ ଧମ'ର ପ୍ରତିଷ୍ଠା କରି । "ପିତା ମାତା ଗୁରୁ ଗୁରୁଜନ ମାନଙ୍କୁ ଭକ୍ତି କରିବ, ସେମାନଙ୍କର ଆଦେଶ ପାଳନ କରିବ । ବ୍ରାହ୍ମଣ ଶ୍ରମଣ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ବୃଦ୍ଧ ଓ ବିପଦଗ୍ରସ୍ତ ବ୍ୟକ୍ତିମାନଙ୍କ ପ୍ରତି ଉଦାରତା ଓ ଉତମ ଆଚରଣ ପ୍ରତର୍ଶନ କରିବ । ଦାନ ଦୟା ସତ୍ୟ ଶୌଚ ସାଧୁତା  ସଂଯମ ଓ କୃତଜ୍ଞତା ପ୍ରଭୃତିକୁ ଧର୍ମ ବୋଲି ମନେକରିବ ; ଦାସଦାସୀମାନଙ୍କୁ ଦୟା କରିବ ; ସାଧୁ ସନ୍ନ୍ୟାସୀମାନଙ୍କ ପ୍ରତି ଦାନଶୀଳ ହେବ ; ସତ୍ୟ କହିବ ; ଏବଂ ଜୀବପ୍ରତି ଅହିଂସା ପାଳନ କରିବ" ।

ସ୍ରୋତସ୍ୱିନୀ ଦୟାର ତୀର ଦେଶରେ ଦଣ୍ଡାୟମାନ ଧଉଳି ପାହାଡର ଶୀର୍ଷଦେଶରେ ତ୍ରୟୋଦଶ ଶିଳାଲେଖ ଏକ ବିସ୍ମୟ । ଏକ ଆଦର୍ଶ ଅନୁଶାସନ । ଅଶୋକ ଧମ ର ବାଙ୍ମୟ ଉଚ୍ଚାରଣ । ଧର୍ମ ରାଜ୍ୟର ପ୍ରତିଷ୍ଠା ଲାଗି ମାନବ ଧର୍ମର ଶୁଭ ଶଙ୍ଖ ତ୍ରୟୋଦଶ ଅନୁଶାସନରେ, 'ଧର୍ମଦ୍ୱାରା ଯେଉଁ ବିଜୟ ଲାଭ ହୁଏ ତାହା ହେଉଛି ସର୍ବୋତ୍କୃଷ୍ଟ ବିଜୟ" । "ସମସ୍ତ ମନୁଷ୍ୟ ମୋର ସନ୍ତାନ ସନ୍ତତି । ମୁଁ ଯେପରି ମୋ ନିଜ ସନ୍ତାନ ସନ୍ତତିମାନଙ୍କର ଇହଜଗତ ଓ ପରଜଗତର ପରମସୁଖ ଓ ଶାନ୍ତି କାମନା କରେ ସେହିପରି ସମସ୍ତ ମନୁଷ୍ୟ ପାଇଁ ମଧ୍ୟ ମୁଁ ସେହି କାମନା କରେ ।"

କଳିଙ୍ଗ ଥିଲା ତାଙ୍କ ପ୍ରାଣଦପି ପ୍ରିୟ । ତାହାର ମାର୍ମିକ ଉଚ୍ଚାରଣ ଯେମିତି ଏ ବାକ୍ୟ, ସ୍ୱର୍ଗୀୟ ଦେବୋପମ ସ୍ୱୀକୋରକ୍ତି ଏ ଅନୁଶାସନ । ଇଏ କଣ କମ୍ କଥା ଗୋଟେ ରାଜା ପକ୍ଷରେ । ଗୋଟେ ପୀଡିତ  ପରାଜିତ ଜାତିର ପ୍ରାଣରେ ଏ ଶବ୍ଦସ୍ପର୍ଶ  ଯେମିତି ସ୍ନେହ ପ୍ରେମ ଅହିଂସାର  ଅମିୟ ଅନୁରାଗମୟ ଶୀତଳ ଚନ୍ଦନ ସ୍ପର୍ଶ । ଧନ୍ୟ ଏମିତି କେଉଁ ରାଜା ଅଛି ପୃଥିବୀରେ ? ଯିଏ ପରାଜିତ ପ୍ରଜାକୁ ନିଜର ସନ୍ତାନ ସନ୍ତତି ପରି ମନେ କରିବ । ଏମିତିକି ଇହକାଳ ପରେ ପରକାଳର ପରମସୁଖ ଓ ଶାନ୍ତି କାମନା କରିବ । ନିଶ୍ଚିତ ଏହା ଏକ ବିରଳ ଅନୁଭବ, ବିଶ୍ୱବ୍ୟାପୀ ମାନବ କଲ୍ୟାଣମୟ ମହାନ ଅନୁଭବ । ଅନୁଶାସନ ନୁହେଁତ ମାନବଜାତିର ଆଲୋକବର୍ତିକା ଏ  ଯୁଗଧର୍ମର ଲକ୍ଷ୍ମଣରେଖା ଏ , ପ୍ରକୃତ ରାମରାଜ୍ୟର ପ୍ରତିଷ୍ଠା ପାଇଁ ପ୍ରଜାର କଲ୍ୟାଣ ଲାଗି ପ୍ରଜାବତ୍ସଳ ପ୍ରତ୍ୟକ ଶାସକର ସମ୍ରାଟର ରାଜାର ପରମ ସମର୍ପଣ ଯିଏ ପରଲୋକରେ ପ୍ରଜାର ସୁଖ ମନାସୁଥିବ । ଧନ୍ୟ ଅଶୋକ ଧନ୍ୟ ତାଙ୍କର ସନ୍ତାନ ସନ୍ତତି । ବିଶ୍ୱରେ

ରାଜାର ସ୍ଥାନ ସର୍ବତ୍ର ସମ୍ମାନ । ଅଥଚ ଅଶୋକଙ୍କ ସମର୍ପଣ ଓ ସ୍ୱୀକୋରକ୍ତିରୁ ବୁଝାପଡେ ସେ କେତେ କୃତଜ୍ଞ ଏ ଦେଶର, କଳିଙ୍ଗର, ମାଟି ମଣିଷ ଆକାଶ ପାଖରେ । ଜନ୍ମ  ପୁର୍ନଜନ୍ମର ବିଶ୍ୱାସରେ, ମୃତ୍ୟୁପରେ ମଣିଷର କଲ୍ୟାଣ କାମନାରେ  ସେହିଁ ପ୍ରଥମ ଓ ଶେଷ ସମ୍ରାଟ । କି ଉଦାରତା ତାଙ୍କର ! ଗୋଟେ ବିଜିତ ରଜା ପରାଜିତ ରଜାର ନାମ ନ ଲେଖିବା ପୁଣି ଶିଳାଲେଖରେ, ତତ୍କାଳୀନ ସାହିତ୍ୟ ଧର୍ମରେ ପ୍ରକାଶିତ ନ କରିବା ଇଏ କଣ କମ୍ କଥା । ସେ ତାଙ୍କର ସମସାମୟିକ ସମସ୍ତ ରାଜାଙ୍କ ନାମ ଲେଖିଥିଲେ ମଧ୍ୟ ଜ୍ଞାତସାରରେ କଳିଙ୍ଗର ସମ୍ମାନ ପାଇଁ କଳିଙ୍ଗ ରାଜାଙ୍କ ନାମ ଲେଖିନାହାଁନ୍ତି । ଇଏ

କଣ କମ୍ ଗୌରବ ସ୍ୱାଧୀନତା ପାଇଁ ଗୋଟେ ପରାଜିତ ଜାତିର ଚରମ ବଳିଦାନ ଓ ବିରୋଚିତ ବିଜୟ ଉତ୍ସବ ପାଇଁ । ସେ ଅବଗତ ଥିଲେ କଳିଙ୍ଗ ରାଜାଙ୍କ ନାମ ଲେଖିଲେ କଳିଙ୍ଗ ପରାଜିତ ଘୋଷିତ ହେବ ପୁଣି କଳିଙ୍ଗର ଦୁର୍ଦ୍ଧର୍ଷ ସେନା, ପ୍ରଜା ପରାଧୀନତାର ଅପମାନ ସମ୍ଭାଳି ପାରିବେନି । ତେଣୁ ଲେଖିଥିଲେ "କଳିଙ୍ଗ ଅବିଜିତମ୍।"

ମାନବଧର୍ମ ବିଶ୍ୱଧର୍ମ ...."କଳିଙ୍ଗାଃ" ଗୋଟେ ଜାତିର ନାଁ, ଗୋଟେ ରାଜ୍ୟର ନାଁ, ଧର୍ମରାଜ୍ୟର ନାଁ ସେମିତି କଳିଙ୍ଗ କନ୍ୟା କରୁବାକୀ ଗୋଟେ ନାରୀଜନ୍ମର ନାଁ, ପ୍ରୀତିଶକ୍ତିର ନାଁ, ପ୍ରତିଶକ୍ତିର ନାଁ, ପ୍ରୀତିବ୍ରତାର ନାଁ ସେ ନାଁକୁ ଯେମିତି କିଏ ଲୁଚେଇ ରଖିଛି "ଶିଳାଲେଖ"ରେ ସାଇତି ରଖିଲା ଭଳି ସମୟ ଯେମିତି ମାଟି ଭିତରେ ମଗ୍ନ ମୂର୍ଚ୍ଛିତ ଶିଳାକନ୍ୟା । ପ୍ରଣାମ ।

---------

# ସମର୍ପଣ ସଂଘମିତ୍ରା, ମହେନ୍ଦ୍ରକୁ

ସମର୍ପଣ । ସୃଜନୀ ବନ୍ଦିତ ପ୍ରୀତପ୍ରାଣର ପରମ ସମର୍ପଣ ସଂଘମିତ୍ରା, ମହେନ୍ଦ୍ର କୁ । କେଡେ ସୁନ୍ଦର ନାଁ । ବୌଦ୍ଧସଂଘର ସ୍ନେହ ଶ୍ରଦ୍ଧା ସାହାଯ୍ୟ ସହାନୁଭୂତିରେ ଯେଉଁ କନ୍ୟାରତ୍ନର ଜୀବନ ପଲ୍ଲବିତ ହୋଇଥିଲା ତାର ନାମ ଅଶୋକ ଦେବୀ ରଖିଥିଲେ ସଂଘମିତ୍ରା । ଯେ ସଂଘମିତ୍ର ସଂଘବନ୍ଧୁ ମାତ୍ର । ସଂଘର ଆଶ୍ରୟ ନେଇ ଯେ ଜୀବନ ସାଧନା ଆରମ୍ଭ କରିଥିଲେ ସଂଘ ପାଇଁ ସମର୍ପିତ ହୋଇ । ଧନ୍ୟ ରାଜକନ୍ୟା ସଂଘମିତ୍ରା ଯେ ଜାଣିନଥିଲା ତାର ପିତା ମହାମହିମ ମୌର୍ଯ୍ୟ ସମ୍ରାଟ ଅଶୋକ । ରାଜକୁମାରୀର ଭବ୍ୟ ପରିଚୟଟିଏ ଗୋପନ ଥିଲା ତାପାଇଁ ସମ୍ଭବତଃ ସୁରକ୍ଷା, ସମ୍ମାନ ଦୃଷ୍ଟିରୁ । କାରଣ ମା ଦେବୀ ଅଶୋକଙ୍କୁ ପାରମ୍ପରିକ ରୀତିରେ ବିବାହ କରି ନଥିଲେ । ପୁଣି ଜଣେ ସଂସାରୀ ବୌଦ୍ଧଭିକ୍ଷୁଣୀ, ସନ୍ନ୍ୟାସିନୀ ପାଖରେ ନିସ୍ୱ, ନିଷ୍କାମ ଜୀବନଟିଏ ଯଥେଷ୍ଟ ଜୀବନ ସାଧନାରେ ସିଦ୍ଧିଲାଗି। ପ୍ରିୟ ଅଶୋକଙ୍କୁ ସେ ଦେହଦାନ ଦେଇଥିଲେ ବିବାହ କରିଥିଲେ ଗୋପନରେ । ବ[illegible]ଥିଲେ ଏକ ଭିନ୍ନ ଜୀବନ ସମସ୍ତଙ୍କ ଅଲକ୍ଷ୍ୟରେ । ରାଜବିଳାସ ରାଜସୁଖ ରାଜମର୍ଯ୍ୟାଦା ଠାରୁ ନିଜକୁ ଦୂରେଇ ରଖିଥିଲେ । ଅନାସକ୍ତ ଜୀବନ ଜୀଇଁଥିଲେ ଅରଣ୍ୟର ଶାନ୍ତ କୋମଳ କୋଳରେ । ପତିର ପରିଚୟ ସେ ଗୋପନ ରଖିଥିବେ ନିଜ ଜୀବନ ପ୍ରତି ବିପଦ ଦୃଷ୍ଟିରୁ । ଅଶୋକ ଖୁବ୍ ଗୋପନରେ, ସତର୍କରେ ସେଇ ସମ୍ପର୍କକୁ ଜୀବନସାରା ପରିପୁଷ୍ଟ କରିଥିବେ । ଧନ୍ୟ ଦେବୀ ଯାହାଙ୍କ ଅଙ୍ଗସୁଧା ଲାଭ କରି ଅଶୋକଙ୍କ ଉଜୁଡା ଯୌବନ ନବପଲ୍ଲବରେ ଶ୍ରୀମନ୍ତ ହୋଇଥିଲା, ପୁଷ୍ପପୂର୍ଣ୍ଣ ଦିଶୁଥିଲା । ପରମ ପ୍ରେମମୟୀ କଳିଙ୍ଗ କନ୍ୟା କାରୁବାକୀର ପ୍ରାଣଘାତକ ପ୍ରୀତିପୀଡା ସହିସହି ରୌଦ୍ରଦଗ୍ଧ ଫଟାଭୂଇଁ ପରି ପ୍ରାଣ ତାଙ୍କର ଫାଟିଯାଇଥିଲା, ପୋଡିଯାଇଥିଲା । ସେଇ ମିଳନ ଯେମିତି ଫଟାଭୂଇଁରେ ଆଦ୍ୟ ଆଷାଢ଼ର

ଅସରା ଅସରା ଶୀତଳ ପ୍ରୀତିପୂର୍ଣ୍ଣ ସ୍ପର୍ଶସବୁ  ପ୍ରଥମ ବର୍ଷାବିନ୍ଦୁର ସ୍ପର୍ଶ, ମଧୁମୟ ସୁଧାମୟ ସ୍ପର୍ଶ, ପହିଲି ଆଷାଢ଼ର ରୋମାଞ୍ଚଞ୍ଚପରି, ରକ୍ତ ମାଂସରେ ପହିଲି ମିଳନ ସ୍ପର୍ଶ ସ୍ୱର୍ଗସୁଖ ଆଣିଦେଇଥିଲା ତାଙ୍କୁ । ଦେବୀଙ୍କର ଦିବ୍ୟ ଦେହ ଅଙ୍ଗନରେ କୋମଳ ଲତା ପୁଷ୍ପ ପରି ଲୋଟୁଥିଲେ କେବେ ତ ପୁଣି ମୁହୂ□ ଶାଣିତ ଶିଳାଖଣ୍ଡ ଉପରେ ବନ୍ୟ ଝରଣା ପରି ଲମ୍ଫ ଦେଉଥିଲେ । ସୁକୋମଳ ସୁକୁମାରୀ ନାରୀ ତନୁଶ୍ରୀର ସ୍ନେହ କୋମଳ ସ୍ପର୍ଶ, ପ୍ରୀତି କୋମଳ ସ୍ପର୍ଶ ତାଙ୍କ ପୁରୁଷ ପ୍ରାଣକୁ ପ୍ଲାବିତ କରିଥିଲା ପୁଷ୍ପିତ କରିଥିଲା ମହାଆନନ୍ଦରେ । ଯୌବନ ଉଚ୍ଛଳ, ଲାବଣ୍ୟ ଉଜ୍ଜ୍ୱଳ, ଲୋଭନୀୟ ରସମୟ, ସ୍ୱଚ୍ଛ କାଚପରି ଚକ୍ ଚକ୍ ଦେହ, ଗହମ ରଙ୍ଗର ଆଭାଦୀପ୍ତ ଦେହ, ଅନୋଖା ଆକର୍ଷଣୀୟ ସେ ଦେହରେ ଢ଼ଳଢ଼ଳ ଦୁଇ ସ୍ତନପଦ୍ମର ନୈସର୍ଗିକ ସୁଷମା ଯିଏ ଦେଖିଛି ସିଏ ମୁହୂ□ ମୁଗ୍ଧ ହୋଇଛି, ବିମୋହିତ ହୋଇଛି, ତାର ଲାଳିତ୍ୟରେ ଲାବଣ୍ୟରେ, ଲାସ୍ୟମୟ ବୈଦୁର୍ଯ୍ୟ ବିଭବରେ, ବର୍ଣ୍ଣମୟ ବର୍ଣ୍ଣବିଭାରେ । ମିଳନ ଲଗ୍ନରେ ପ୍ରୀତି ସମର୍ପିତ ଆଖିରେ ଯିଏ ଥରେ ଛୁଇଁଛି, ଦେଖିଛି ସେ ଦେହକୁ, ଦୀପ୍ତ ଦୁଇ ଲାବଣ୍ୟ ଜହ୍ନକୁ , ସ୍ୱର୍ଣ୍ଣ ଶଙ୍ଖପରି ସୁନ୍ଦର କୋମଳ ଦୁଇ ସ୍ତନପଦ୍ମକୁ  ତାର ସ୍ୱର୍ଗୀୟ ସୁଷମାକୁ ,ସ୍ୱର୍ଣ୍ଣ ସୌନ୍ଦର୍ଯ୍ୟକୁ କୁମାରୀ ତନୁଶ୍ରୀର ଆପାଦ ମସ୍ତକ ଅନାବରଣ କରି ଏକାନ୍ତରେ, ସିଏ ମୁହୂ□ ମୁଗ୍ଧ ହୋଇଛି ନିଜକୁ ମହାର୍ଘ୍ୟ ମଣିଛି, ମହିମାନ୍ୱିତ ହୋଇଛି ନାରୀ ଅଙ୍ଗର ଐଶ୍ୱର୍ଯ୍ୟରେ, ତାର ସୃଜନୀ ଶିଳ୍ପୀର ଚରମ ଉତ୍କର୍ଷତାରେ । ଆଶ୍ଚର୍ଯ୍ୟ ହୋଇଛି ମାଂସର କାରୁକାର୍ଯ୍ୟରେ, କୋଣାର୍କ ପରି କମନୀୟ, ସୂକ୍ଷ୍ମ କଳା ସର୍ଜନାର ସ୍ୱର୍ଗ ବିଳାସରେ । ପ୍ରଣାମ ପ୍ରଣାମ । ଦେବଶିଳ୍ପୀର ଦିବ୍ୟ ସୁନ୍ଦର ସୃଷ୍ଟି ଏ, ସ୍ୱର୍ଗ ସୁନ୍ଦର ସୃଷ୍ଟି ଏ । ଯାହାର ଧରାବତରଣରେ ଧନ୍ୟ ଦେବଶିଳ୍ପୀ ଧନ୍ୟ ତାର ସ୍ୱପ୍ନ କଳ୍ପନା କର୍ମନିଷ୍ଠା । ପ୍ରୀତି ବିଭୋର ମୁହୂ□ଏ । ସ୍ୱର୍ଗ ବିଭବକୁ ନିରେଖୀ ଦେଖିବାର ମୁହୂ□ଏ ମଧୁଲଗ୍ନ ଏ, ମହାଲଗ୍ନ ଏ, ମହାପାର୍ବଣ ଲାଗି, ମଧୁପାର୍ବଣ ଲାଗି, ମଧୁପର୍ବ ଏ, ମଧୁମିଳନ ଏ, ଉତ୍ସବମୁଖର ମହୋତ୍ସବମୟ ଏ । ଉଲ୍ଲସିତ ଆହ୍ଲାଦିତ ଅମୃତ କଳସ ଏ, ଐଶ୍ୱର୍ଯ୍ୟ ପଣସ ଏ, ବିଭବ ବିଳାସ ଏ । ପ୍ରଣାମ ସେ ଦେହକୁ । ସେ ଦେହର ଦିବ୍ୟ ଅନୁଭବକୁ, ଦୁର୍ବାର ଆକର୍ଷଣକୁ, ସେ ଆକର୍ଷଣରେ ଆକ୍ରାନ୍ତ ଆଖିକୁ, ଦେହ ମନ ଆତ୍ମାକୁ । ଅଜସ୍ର ଅତନ୍ଦ୍ର ଅନୁଭବକୁ ।

ପ୍ରଥମ ମିଳନର ମଧୁପାନରେ ବିଭୋର ଅଶୋକଙ୍କର ପ୍ରାଣ ମହମହ ବାସୁଥିଲା ନାରୀ ଅଙ୍ଗର ଦିବ୍ୟ ସୁଷମାକୁ ନିରେଖି, ନିର୍ବାକ ଦିଶୁଥିଲେ ସେ । ସତରେ ଏତେ ସୁନ୍ଦର ଏ, କେତେ ସୁନ୍ଦର ହୋଇଥିବେ ସ୍ୱୟଂ ସ୍ରଷ୍ଟା । ସୁନ୍ଦର ନ ହେଲେ କଣ ଏତେ ସୁନ୍ଦରର ସର୍ଜନା ସମ୍ଭବ ? ମନୁଷ୍ୟ ସତ ମନୁଷ୍ୟକୃତ ନୁହଁ ଏ, ଦେବକୃତ ଦେବକୃତି ଦେବ କୀ□ଏ, ଅସ୍ୱୀକାର କରିହେବନି  ଥରେ ଦେଖିଲେ, ଅନୁଭବ କରିହେବନି ନାରୀ ଅଙ୍ଗର ମହିମାକୁ, ମହକକୁ, ମାଧୁର୍ଯ୍ୟକୁ । ଯେଉଁ ନାରୀ ଅଙ୍ଗର ସୌନ୍ଦର୍ଯ୍ୟ ଦେଖି ମହାଶକ୍ତିଶାଳୀ ସ୍ୱର୍ଗବିଜୟୀ ମହିଷାସୁର ନିଜକୁ ଶକ୍ତିଶାଳୀ ମନେ କରିଥିଲା କାରଣ ଏତେ ବିପୁଳ ସ୍ୱର୍ଗ ସୌନ୍ଦର୍ଯ୍ୟକୁ ସେ ଧ୍ୱଂସ କରି ପାରିବନି । ନାରୀ ଦେହର ସ୍ୱର୍ଗ ସୌନ୍ଦର୍ଯ୍ୟରେ ଅଭିଭୂତ ସେ, ଅବାକ୍

ଆଚମ୍ଭିତ ସେ । ସତେ ଯେମିତି ମରଦେହରେ ତାର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଛି, କାମନା କୈଳାସର ଶିଖର ଛୁଇଁଛି ସେ । ଏଣିକି ମୁକ୍ତି ଲୋଡା ମାୟା ବନ୍ଧନରୁ, ମାଟି ଆକାଶରୁ । ପୂର୍ଣ୍ଣମୟ ପ୍ରାଣ ତାର ସମର୍ପି ଦେଇଥିଲା ସେ ମା ଦୁର୍ଗାଙ୍କ ଚରଣ ତଳେ ଚରମ ମୁକ୍ତି କାମନା କରି । ପ୍ରଣାମ ।

ସେମିତି ସ୍ୱର୍ଣ୍ଣ ଲଙ୍କାର ସମ୍ରାଟ, ସ୍ୱର୍ଗ ସମ୍ରାଟ ରାବଣ ପରମା ସୁନ୍ଦରୀ ସୀତାଙ୍କ ଉପରେ ପ୍ରତିଶୋଧ ନେବେ କଣ ? ପଲକ ମାତ୍ରେ ହେଲେ ପ୍ରୀତିସ୍ନାତ । କାରଣ ବିଶ୍ୱ ସୌନ୍ଦର୍ଯ୍ୟର ସେ ଧ୍ୱଂସ କରିପାରିବେନି । ନା ପ୍ରୀତିଲାଗି ସମର୍ପି ଦେବେ ସବୁ । ସ୍ୱର୍ଣ୍ଣ ଲଙ୍କାର ସମ୍ରାଟ ହେଲେ ଶ୍ମଶାନର ଶବ ପରମ ତୃପ୍ତିରେ ରେ, ପ୍ରୀତିରେ ପ୍ରୀତି ଆହ୍ଲାଦରେ । ଆଚମ୍ଭିତ ଅନୁଭବ ଏ ସମ୍ରାଟର, ସ୍ୱର୍ଗ ସମ୍ରାଟର, ଧନ୍ୟ ରାବଣ ଧନ୍ୟ ତାର ପ୍ରୀତି , ଧନ୍ୟ ପ୍ରୀତିର ମହିମା ।

ମିଳନ ପର୍ବ ଶେଷରେ ଅଶୋକ ଦିଶୁଥିଲେ ଶାନ୍ତ ପ୍ରୀତ ପୁଲକିତ । ମାଟିର ବାସ୍ନା ମହକ ତାଙ୍କୁ ମହମହ ଲାଗୁଥିଲା, ଆକାଶର ଐଶ୍ୱର୍ଯ୍ୟ ତାଙ୍କୁ ମହିମାମୟ ଲାଗୁଥିଲା । ନାରୀ ଅଙ୍ଗର ଐଶ୍ୱର୍ଯ୍ୟ ଲାଭକରି ସେ ଅନୁଭବ କରୁଥିଲେ ଏ ସୃଷ୍ଟି ସ୍ୱର୍ଗର ନନ୍ଦନକାନନ, ଶୋଭାଶାଳିନୀ, ଶୋଭା ଗନ୍ଧଘର । ସତରେ ଏହାକୁ ସ୍ୱର୍ଗସୁଖ ନ କହି ରହିହେବନି । ସ୍ୱର୍ଗର କଳ୍ପନା ବିଳାସଠାରୁ ଏ'ତ ସତ୍ୟର ସୁବର୍ଣ୍ଣ କଳସ, ସ୍ୱର୍ଣ୍ଣଭୂମି, ସ୍ୱର୍ଣ୍ଣଶ୍ରୀ, ପୂର୍ଣ୍ଣଶ୍ରୀ, ଚିରଶ୍ରୀ, ଚିରସ୍ରାବୀ ନୀଳ ନିର୍ଝରିଣୀ, ଏ ଶ୍ୱେତସ୍ନିଗ୍ଧ ଆକାଶ ଗଙ୍ଗାର ଆଲୋକ ନିର୍ଝରଏ, ନୈସର୍ଗିକ ଆନନ୍ଦ ଚେତନାର ନୀଳସ୍ୱର୍ଗ ଏ, ନୀଳପରି ଏ, ସ୍ୱର୍ଣ୍ଣନୀଳ ସୌନ୍ଦର୍ଯ୍ୟର ଅଖଣ୍ଡ ସ୍ରୋତ ଏ , ସକାଳ ଏ, ନୀଳଜ୍ୟୋସ୍ନା ଏ, ପ୍ରଣାମ । ଅଜସ୍ର ସ୍ୱପ୍ନ କଳ୍ପନାର ମାୟାଞ୍ଜନ ବୋଳିଛି ଏ , ବିବିଧ ବର୍ଣ୍ଣାଳିର ବର୍ଣ୍ଣମୟ ଅନୁଭବ ଏ , ବହୁବର୍ଣ୍ଣା, ବିଭୂଷିତ, ବିଭବ ମଣ୍ଡିତ । ପ୍ରଣାମ ।

ସେଇ ମିଳନ ଥିଲା ତାଙ୍କ ଯୌବନରେ ପ୍ରଥମ କରି ନାରୀ ଅଙ୍ଗ ସହ ଏକାତ୍ମ ହେବାର ଏକ ଅନନ୍ୟ ଅନୁଭବ, ଆନନ୍ଦମୟ ଅବିସ୍ମରଣୀୟ ଅନୁଭବ । ସୁନ୍ଦର ସୁଠାମ, ସୁରମ୍ୟ ମସୃଣ ନାରୀମାଂସର ମହକ ତାଙ୍କୁ ମତୁଆଲା କରିଥିଲା, ଉତ୍‌ଫୁଲିତ ଉଚ୍ଚାଟିତ କରିଥିଲା । ନୂଆ ଜୀବନ ଫେରିପାଇଲା ପରି ଲାଗୁଥିଲା । ତାଙ୍କ ପାଇଁ ଜୀବନ, ପ୍ରେମ, ମିଳନ ସବୁ ଯେମିତି ଆକସ୍ମିକ ଥିଲା । ଭାଗ୍ୟ ଯେମିତି ତାଙ୍କ ପାଇଁ ଛକିରହିଥିଲା ଜୀବନର ପ୍ରତିଟି ଛକରେ, ମୋଡରେ । କେତେବେଳେ ବାଟ ଓଗାଳି ବାଟମଣା କରିଦେଉଥିଲା କେବେ ଅସମ୍ଭବକୁ କାଟି ସମ୍ଭାବନାର ପୁଷ୍ପିତ ପଥ ପ୍ରସ୍ତୁତ କରୁଥିଲା । ସବୁଠି ଭରି ରହିଥିଲା ବିସ୍ମୟ, ରୋମାଞ୍ଚ, ଦୁଃଖ, ହତାସ, ନୈରାଶ୍ୟ ପୁଣି ଆଶାର ଅରୁଣ ଉଜ୍ଜ୍ୱଳ ଆଲୋକିତ ଛବି । କେବେ ପାଲଟୁଥିଲେ କଳ୍ପନାରେ କବି ପୁଣି କେବେ ବାସ୍ତବ ମରୁବାଲିରେ ବେଦୁଇନ୍ । ସତରେ ସେ ଥିଲେ ଭାଗ୍ୟଦେବୀଙ୍କ ମାନସ ସନ୍ତାନ, ଭାଗ୍ୟଶାଳୀ । ବହୁ ଦ୍ୱନ୍ଦ ସଙ୍କୁଳ କଠିନ ମୁହୂ□ରେ ଭାଗ୍ୟର ନିଷ୍ପତି ଥିଲା ବଡ ବିଚିତ୍ର । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ବୁଝି ପାରୁଥିଲେ ସେ ନୁହଁନ୍ତି ଭାଗ୍ୟ ହିଁ ତାଙ୍କ ଭାଗ୍ୟ ନିୟନ୍ତା, ଭାଗ୍ୟ ନିର୍ମାତା । ସେ ନିମି□ମାତ୍ର । ବ□ମାନକୁ ସେ ସମ୍ମାନ

ଦେଉଥିଲେ, ଶ୍ରଦ୍ଧାର ସହ ଆପଣେଇଥିଲେ । ବାଲ୍ୟକାଳରେ ଜନ୍ମଜାତକ ତାଙ୍କର ରାଜ୍ୟ ରାଜପରିଚୟ, ରାଜପୁତ୍ରର ପ୍ରାଚୁର୍ଯ୍ୟକୁ ଛଡେଇ ନେଇଥିଲା ଭାଗ୍ୟବଳରୁ ସେ କଳିଙ୍ଗ ରାଜପରିବାରରେ ବଢ଼ିବାର ସୁଯୋଗ ପାଇଲେ । ପୁଣି ପରମା ସୁନ୍ଦରୀ କଳିଙ୍ଗ ରାଜକନ୍ୟାର ପ୍ରୀତିରେ ପ୍ରୀତିସ୍ନାତ ହେଲେ । ପ୍ରୀତି ପୀଡାର ଅଶ୍ରୁ ଅନଳ, ଅପମାନକୁ ଅଙ୍ଗେ ନିଭେଇଲେ । ଆଜି ଭାଗ୍ୟବଳରୁ ଦେବୀଙ୍କୁ ଆତ୍ମହତ୍ୟାରୁ ନିବୃତ କରାଇ ତାଙ୍କ ହାତ ଧରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ସତ କିନ୍ତୁ ସ୍ଥାନ ସମୟ ସମ୍ମାନ ଦୃଷ୍ଟିରୁ ତାଙ୍କ ଜୀବନ ସୁରକ୍ଷା ଲାଗି ଦେବୀ ଏକ ବୌଦ୍ଧ ଭିକ୍ଷୁଣୀର ଭିନ୍ନ ଜୀବନ ଜୀଇଁବାକୁ ସଙ୍କଳ୍ପ କରିଛନ୍ତ ଏଇ ମଧୁର ସମ୍ପର୍କକୁ ଗୋପନୀୟ କରି ବ□ରହିବାକୁ ଜୀବନସାରା...। ଭାଗ୍ୟ ଯେମିତି ତାଙ୍କୁ ଧରେଇ ଦେଇଥିଲା ଦେବୀଙ୍କୁ ସେମିତି ଛଡେଇ ନେଉଛି ତାଙ୍କଠାରୁ ପତ୍ନୀର ମର୍ଯ୍ୟାଦାରୁ । ଏଇ ବିଡମ୍ବିତ ସତ୍ୟକୁ ସ୍ୱୀକାର କରିବା ଭିନ୍ନ ଅନ୍ୟଗତି କାହିଁ ? ପୁଣି ଭାଗ୍ୟବଳରୁ ସେ ମୌର୍ଯ୍ୟ ସମ୍ରାଟ ହେବାପରେ ଯୌବନରେ ପାଦ ଦେଇ କନ୍ୟାରତ୍ନ ସଂଘମିତ୍ରା, ପୁତ୍ରରତ୍ନ ମହେନ୍ଦ୍ର ବୌଦ୍ଧ ସଂଘରେ ରହି ବୌଦ୍ଧଧର୍ମର ପ୍ରଚାର ଲାଗି ଯାଇଥିଲେ ସିଂହଳ ଘରସଂସାର ନକରି। ରାଜକନ୍ୟା, ରାଜପୁତ୍ରଙ୍କର ସଂସାରଛଡା ଜୀବନ ତାଙ୍କୁ ଗୋପନରେ କି ଯନ୍ତ୍ରଣା ଦେଇ ନଥିବ ? ତାଙ୍କ ପିତୃପ୍ରାଣକୁ ବିଚଳିତ କରି ନଥିବ ସତେ ? କିନ୍ତୁ ଭାଗ୍ୟ ତାଙ୍କୁ କରିଥିଲା ନିର୍ବିକାର, ନିର୍ବାକ । ବୁଦ୍ଧଧର୍ମର ନିୟନ୍ତା ରାଜପୁତ୍ର ଗୌତମ ସିନା ସଂସାର ବିମୁଖ ଥିଲେ କିନ୍ତୁ ତାଙ୍କ ରକ୍ତର ରାଜ ନନ୍ଦନ ଯେମିତି ଭାଗ୍ୟବିମୁଖ ଥିଲେ । ରାଜପୁତ୍ର ଗୌତମ ପ୍ରଥମେ ସ୍ୱଦେଶରେ ଧର୍ମ ପ୍ରଚାର କରିଥିଲେ, ଏମାନେ କିନ୍ତୁ  ବିଦେଶରେ ଧର୍ମ ପ୍ରଚାର କରିଥିଲେ । ସେମାନେ ରାଜପୁତ୍ର ଓ ରାଜକନ୍ୟା । କେଡେ ସୁନ୍ଦର ନାଁ ସଂଘମିତ୍ରା, ପୁଣି ମହେନ୍ଦ୍ର । ମହେନ୍ଦ୍ର ଅର୍ଥ ମହାଭାଗ୍ୟଶାଳୀ । ସେ ସିନା ରାଜକଳାରେ ଜନ୍ମହୋଇ ସନ୍ନ୍ୟାସୀ ହୋଇଥିଲେ ପୁଣି ସନ୍ନ୍ୟାସୀରୁ ସମ୍ରାଟ । କିନ୍ତୁ ପୁତ୍ରମଣି ତାଙ୍କର ରାଜପୁତ୍ର ସନ୍ନ୍ୟାସୀ, ସନ୍ନ୍ୟାସୀରୁ ଧର୍ମପ୍ରଚାରକ ବିଦେଶରେ ସୁଦୂର ସିଂହଳରେ । ଆନନ୍ଦ ବିଷାଦର ଅନନ୍ୟ ଅନୁଭବ ଥିଲେ ପତ୍ନୀ, ପୁତ୍ରକନ୍ୟା ଦୁହେଁ ସେଥିରେ ସନ୍ଦେହ ନାହିଁ । ପ୍ରଣାମ ।

କେଡେ ସୁନ୍ଦର ଦିଶୁଥିବେ ସେମାନେ, ରାଜରକ୍ତର ସ୍ପନ୍ଦନ ଖେଳୁଥିବ ତାଙ୍କ ରକ୍ତରେ । ଗୋରା ତକ୍‌ତକ୍ ସୁନ୍ଦର, ଦୀର୍ଘତନୁ ମହେନ୍ଦ୍ର ପୁଣି ସୁନ୍ଦରୀ ଚିରକୁମାରୀ ସୁଶ୍ରୀ ସଂଘମିତ୍ରାର ବିପୁଳ ସୌନ୍ଦର୍ଯ୍ୟରେ କିଏ ପ୍ରେମରେ ନ ପଡିବ, କିଏ ପ୍ରୀତିସ୍ନାତ ନ ହେବ ? ଭାବିଲେ ବିସ୍ମିତ ଲାଗୁଛି । କେମିତି ବ□ଥିଲେ ଜୀବନ ସେମାନେ ବୌଦ୍ଧ ସଂଘରେ । ଜୀବନସାରା କ୍ଷତାକ୍ତ, ଅପମାନିତ ହୋଇ ହିଂସ୍ର ସିଂହପରି ବ□ଥିବା ଅଶୋକଙ୍କର ସନ୍ତାନ ଦୁହେଁ କେମିତି ଅହିଂସାର ଜୀବନ ଜୀଇଁଥିଲେ ବଡ ବିଚିତ୍ର ଏ ? ସମ୍ଭବତଃ ଦେବୀ ସେମାନଙ୍କୁ କେଉଁ ଦୂର ବୌଦ୍ଧସଂଘକୁ ପଠାଇ ଏକୁଟିଆ ଜୀବନ କାଟୁଥିବେ । ଅଶୋକଙ୍କୁ ସେମାନଙ୍କର ମୃତ୍ୟୁ ଘଟିଛି କହି ସତ୍ୟକୁ ଲୁଚାଇଥିବେ । ପରିଣତ ବୟସରେ ସତ୍ୟକୁ କହିଥିବେ । ଯେତେବେଳେ ସେମାନେ ସୁଯୋଗ୍ୟ ଧର୍ମ ପ୍ରଚାରକର ମହାନ୍ ଭୂମିକା ତୁଲାଉଥିବେ

ସୁଦୂର ସିଂହଳରେ । ଆନନ୍ଦରେ ଅଶୋକଙ୍କୁ ଚାପିଧରି ଆଖି ବୁଜିଥିବେ ? ମିଥ୍ୟା ହୋଇପାରେ କିନ୍ତୁ ସତ୍ୟକୁ ଅସ୍ୱୀକାର କରିବା ଏତେ ସହଜ ନୁହେଁ କାରଣ ସାମାଜିକ ପ୍ରତିଷ୍ଠା ଓ ସୁରକ୍ଷାର ପ୍ରଶ୍ନ ଯେଉଁଠି ସେଠି ସବୁ ସମ୍ଭବ । ଅଶୋକଙ୍କର ପତ୍ନୀ ଜାଣିଲେ ଦେବୀଙ୍କୁ, ତାଙ୍କ ପୁତ୍ର କନ୍ୟାକୁ ଅସୁରକ୍ଷିତ ଜାଣି ତାଙ୍କ ଷଡଯନ୍ତ୍ରକାରୀ ହତ୍ୟା କରିବାର ଭୟ ସର୍ବଦା ତାଙ୍କୁ କବଳିତ କରିଥିଲା । କାରଣ ରଜାର ଶତ୍ରୁ ଅନେକ । ରାଜ୍ୟ ଭିତରେ, ବାହାରେ । କେତେ ଫନ୍ଦି, କେତେ ଫିକର କିଏ ନ ଜାଣେ ? ଧନ୍ୟ ମହେନ୍ଦ୍ର, ଧନ୍ୟ ସଂଘମିତ୍ରା ଯାହାଙ୍କ ତ୍ୟାଗ, ତପସ୍ୟା ଲାଗି ପିତା ଚଣ୍ଡାଶୋକର ଜୀବନ ତାଙ୍କର ଚିରକାଳ ଧନ୍ୟ, ଚିରଞ୍ଜୀବୀ । ତାଙ୍କ ହିଂସ୍ର ପିତୃପ୍ରାଣର ଅକ୍ଷୟ କୀସେମାନେ । ସେମାନଙ୍କର ପିତାର ପରିଚୟ ନେଇ ସେ ବଞ୍ଚିପାରିବେ ଯୁଗଯୁଗ । ଧନ୍ୟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ । ଅକ୍ଷୟ ଯଶର ଅଧିକାରୀ । ଅନନ୍ୟ ଅବିସ୍ମରଣୀୟ । ପ୍ରାତଃ ସ୍ମରଣୀୟ । ପ୍ରଣାମ । କଳିଙ୍ଗ, କଳିଙ୍ଗ ଯୁଦ୍ଧ, ପ୍ରେମ, କାରୁବାକୀ, ମୌର୍ଯ୍ୟ ସିଂହାସନ, ଧର୍ମପ୍ରସାର ତାଙ୍କ ଜୀବନରେ ଏ ବହୁ ଚର୍ଚ୍ଚିତ ଦିଗ ସତ୍ୟ କିନ୍ତୁ ତାଙ୍କ ଗୋପନ ଜୀବନରେ ଚିର ବନ୍ଦନୀୟା ଦେବୀ, ମହେନ୍ଦ୍ର, ସଂଘମିତ୍ରା ଯିଏ ତାଙ୍କ ଜୀବନକୁ ଯଶସ୍ୱୀ କରିଦେଇଛନ୍ତି ଚିରକାଳ । ଧନ୍ୟ ଭାଗ୍ୟଦେବୀ ଯିଏ ତାଙ୍କ ମାନସ ସନ୍ତାନର ଜୀବନ ଅଧ୍ୟାୟରେ ଅଶ୍ରୁ ଆନନ୍ଦ ଝରେଇଛନ୍ତି ସେମାନେବି ଧନ୍ୟ ହୋଇଯାଇଛନ୍ତି । ଇଏ କଣ କଥା ଗୋଟେ ସମ୍ରାଟର ଜୀବନରେ, ଜୀବନ ମୁଦ୍ରାର ପଛପାର୍ଶ୍ୱରେ ଶୀତଳ ଚନ୍ଦ୍ରାଲୋକ ସେମାନେ । ପ୍ରଣାମ । ଇତିହାସରୁ ଜଣାଯାଏ ୭ ଜଣ କଳିଙ୍ଗ ଧର୍ମପ୍ରଚାରକ ପରିବାର ସହ ସେମାନେ ଯାଇଥିଲେ ସିଂହଳ ବୋଧିଦ୍ରୁମ ଧରି ବୌଦ୍ଧଧର୍ମର ପ୍ରଚାର ପ୍ରସାର ଲାଗି ।

-------------

ସମର୍ପଣ ରାଜକୁମାରୀ ପଦ୍ମାବତୀଙ୍କୁ

ପ୍ରେମକୁ ନେଇ କଳିଙ୍ଗର ଇତିହାସ ରକ୍ତସ୍ନାତ, ପ୍ରୀତିସ୍ନାତ । ପ୍ରେମମୟୀ କାରୁବାକୀ ପ୍ରେମିକ ଅଶୋକଙ୍କ ପ୍ରେମଲାଗି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ କଳିଙ୍ଗ ଯୁଦ୍ଧ ହୋଇଥିଲା । ଯେଉଁ ପ୍ରେମଲାଗି ଲକ୍ଷେ କଳିଙ୍ଗାର ମୁଣ୍ଡ ଗଡିଥିଲା ସତ, ରାଜନୀତି ଧର୍ମ ର ନବଜାଗରଣ ଆସିଥିଲା ଏ ଦେଶରେ !

ସିନ୍ଧୁ ସାଗରଠାରୁ କଳିଙ୍ଗ ସାଗରଯାଏ ଭାରତବର୍ଷ ଏକାଠି ହୋଇଥିଲା ପ୍ରଥମକରି । ବହିଗଲା କେତେ ଯୁଗ । ପ୍ରେମର ଲାଗି ଅସମ୍ଭବ ବିଜୟଟିଏ ସମ୍ଭବ ହେଲା କଳିଙ୍ଗୀ ମାନଙ୍କପାଇଁ । ୧୫୦୦ ଶତାବ୍ଦୀରେ ଗାଇଆଳରୁ ଗଜପତି ହୋଇଥିବା କପିଳେନ୍ଦ୍ରଦେବଙ୍କ ପରାକ୍ରମୀ ପୁତ୍ର ପୁରୁଷୋ□ମ ଦେବ କଳିଙ୍ଗର ଗଜପତି ହେଲେ । ସଂଯୋଗକୁ ଯୌବନରେ ପରମାସୁନ୍ଦରୀ କା□ରାଜ୍ୟର ରାଜକୁମାରୀ ପଦ୍ମାବତୀଙ୍କ ପ୍ରୀତିରେ ପ୍ରୀତିସ୍ନାତ ହେଲେ । ରାଜାଙ୍କୁ ଯେତେ ବୁଝାଇଲେ ସେ ବୁଝୁ ନାହାଁନ୍ତି। ତାଙ୍କର ପଦ୍ମାବତୀର ପ୍ରୀତି ଲୋ । ତା ବିନା ସେ ବ□ପାରିବେନି । ରାଜାଙ୍କ ପାଇଁ ଯେମିତି ଏ ଆତ୍ମସମ୍ମାନର କଥା ସେମିତି ରାଜ୍ୟବାସୀଙ୍କ ପାଇଁ ଅପମାନର କଥା । ସେ ବିଚରା କଣ କରିବେ ? ଆଜିଯାଏ ସେ ଜାଣିଥିଲେ ମନ ତାଙ୍କର ଅଧୀନ ଯାହା ଚାହୁଁଥିଲେ ତାହା କରୁଥିଲେ । ରଜାଘର କିଛି ଅଭାବ ନଥିଲା , ଏବେ ବୁଝୁଛନ୍ତି ସେ ଏବେ ମନର ଅଧୀନ । ସେ ଯେତେ ଚେଷ୍ଟାକରି ନିଜକୁ ଏଥିରୁ ମୁକ୍ତ କରିବାକୁ ଚାହୁଁଛନ୍ତି ସେ ଶରୀର ଭିତରେ ମନ ତାଙ୍କୁ ଉଠେଇ ବସେଇ ଦଉନି । ମନର ଏ ଦୌରାମ୍ୟ ଯିଏ ଅଙ୍ଗେ ନିଭେଇଛି ସେ ଏକା ବୁଝିପାରିବ ସେ ବ୍ୟଥାର ଗଭୀରତା କେତେ ? ସେ ବେଦନାର ଦୀର୍ଘଶ୍ୱାସ କେତେ ଲମ୍ୱା ? ସେ ତାଡନାର ତରବାରୀ କେତେ ତୀକ୍ଷଣ ? ସେଇ ବୁଝିପାରିବ ରଜାକୁ, ରଜାମନର ଗୋପନ ବ୍ୟଥା । ନଚେତ୍ ରଜା ପରି ମଣିଷ ଏତେ ପାଠଶାଠ ପଢ଼ି, ବୁଦ୍ଧି ବିବେକୀ ହୋଇ ଏପରି ଯିଦ୍ କରନ୍ତେ ? ସେ କଣ ଜାଣିପାରୁ ନାହାଁନ୍ତି ତାକୁ ଛାଡିଲେ ଅନେକ ମିଳିଯିବେ ? କିନ୍ତୁ ଯେମିତି ତାର ସମକକ୍ଷ କେହି ନୁହେଁ ସ୍ନେହରେ, ସମର୍ପଣରେ, ପ୍ରେମରେ, ପୂଜାରେ । ତାଙ୍କୁ ପ୍ରଣାମ । ଯାହାପାଇଁ ପ୍ରାଣ ତାଙ୍କର କାନ୍ଦୁଛି ଅହୋରାତ୍ର । ସେ ଆକୁଳ ଅଧୈର୍ଯ୍ୟ, ଅଣାୟତ, ଅସମ୍ଭାଳ । ସେ ବିସ୍ମିତ ହେଉଥିଲେ କେଉଁଠି ଥିଲା ଏତେ ଲୁହ, ପ୍ରେମ, ଅସମ୍ଭାଳ ମନଟିଏ ଆଜିଯାଏ ଏ ଶରୀରରେ ? ମନେ ହେଉଥିଲା ସବୁ ପରିଚୟଠାରୁ ପ୍ରିୟତମାର ପରିଚୟ ଶ୍ରେଷ୍ଠ, ତାର ସମ୍ପର୍କ ଶ୍ରେଷ୍ଠ । ତା ବିନା ଯେମିତି କ୍ଷଣେ ବ□ବା ଅସମ୍ଭବ ? କେମିତି ବ□ବେ ଜୀବନସାରା ? ରକ୍ତମାଂସର ଶରୀରରେ ଏ ପ୍ରକାର ବିଚିତ୍ର ଅନୁଭବର ରହସ୍ୟ କଣ ସେ ବୁଝିପାରୁନଥିଲେ ? ଏ ଶରୀର ମନ ଅସମ୍ଭାଳ ଦୁଃଖରେ ଆଉ ଜଣଙ୍କ ବିନା ବଞ୍ଚିପାରିବେନି ? ଇଏ'ତ କଣ ମାୟା ? ମୋହ ? ଏଇ କଣ ପ୍ରୀତି ? ଜଣଙ୍କ ପାଇଁ ଜୀବନ ବିସର୍ଜି ଦେବାକୁ ଇଚ୍ଛା । ଇଏ କଣ କମ୍ ଅନୁଭବ ? କମ୍ କଥା ମାନବ ଜୀବନରେ ?

ରଜା ପ୍ରଜା, ଯିଏ ଭୋଗିଛି ପ୍ରୀତିର ସଜା, ଧନ୍ୟ ଜୀବନ ଯାହାର ଲୁହଭିଜା ଲୁହଭିଜା, ମିଳନ ବିରହଠାରୁ ବଳି କାହିଁ ମଜା ? ଝୁରି ମରିବାର ସଜା, ପ୍ରୀତିରେ ପ୍ରୀତିରେ ବଜାଇ ବାଇଦ ବାଜା, ଭୁଲି ନିନ୍ଦା ଗାଳି ଲୋକଲଜ୍ଜା । ଏ'ତ ବିଧାତାର ଦୟା, ଦାନ ! କାହିଁକି କରିଛି ମଣିଷକୁ ପ୍ରୀତିସ୍ନାନ ? ସେଇ ଜାଣେ ତାର ଗୋପନ ରହସ୍ୟ ଦେଖୁଥିବ ବସି, ଚୁପିଚୁପି ହସି, କୋଳା କୋଳି ହୋଇ, ପ୍ରେମିକ ପ୍ରେମିକା କରୁଥିଲେ ପ୍ରୀତିପାନ । ପ୍ରୀତିରେ ଏତେ ଆନନ୍ଦ କାହିଁକି ଜଗତେ ବୋଲୁଥାନ୍ତି ମନ୍ଦମନ୍ଦ ?

ବିଧାତାଙ୍କୁ ଯାହାକୁ ଦେଇଛି ଯତନେ, ଯା'ର ସରି ନୁହଁ, ସୁଧା ମଧୁ ମକରନ୍ଦ । ପ୍ରୀତି ଯଦି ଏତେ ମନ୍ଦ ! ସତ କହିବାକୁ କାହିଁକି କପଟ ଛନ୍ଦ ? ପ୍ରୀତି ପୀଡାଠାରୁ ପୀଡା ଅଛି କାହିଁ ? ପ୍ରୀତିପ୍ରାଣ ବିନା ଅହୋରାତ୍ର ଏତେ କାନ୍ଦ । ସେ ତ ଶୀତଳ ସୁଧା ଚନ୍ଦନ, ଦୟା କ୍ଷମା ଯାର ହୃଦୟ ଭୁଷଣ ଭୁଲିବାକୁ କ୍ଷଣେ ରାଗ

ଅଭିମାନ, ନିନ୍ଦା ଗାଳି ଅପମାନ । ଦେଖୁ ଦେଖୁ ମନ ଆନନ୍ଦେ ଉଚ୍ଛନ୍ନ ଆସୁଥିଲେ ପ୍ରାଣଧନ । ତାଠାରୁ କାହିଁ ସମ୍ପ□ ? ବିଧି ଲେଖିଅଛି ଏତେ ବିପ□ ? ଏତେ ରତ୍ନ ରଖି ଗୋପନେ ଯତନେ ଜଗାଇ ଦେଇଛି ଛନ୍ଦକପଟୀଙ୍କୁ, ଆରେ ମୂଢ଼ମତି, ନ'ଯାଅ ତାକତି. ନାହିଁଟି ମୁକତି, ହରିନେବ ତୁମ ଜୀବନ ଶକତି । ସେ ତ ସୁଧାସାର, ରତ୍ନସାର, ତାର ଅଭାବେ ଜୀବନ କି ନାରଖାର ହୋଇଥାଏ ଛାରଖାର । ଏ'କି ବିଧିର ବିଚାର । ପ୍ରୀତପ୍ରାଣ ଦେଖି କହୁଥିବେ ଚୋରଚୋର । ଧରଧର ମାରମାର । ସେ କାହୁଁ ଜାଣିବେ ଏତ ଆନନ୍ଦ ବ୍ରହ୍ମ ଅକ୍ଷର ? ଯାର ଅନନ୍ତ ଶକ୍ତି ଅପାର ସୃଜିଛନ୍ତି ବିହି ମଜ୍ଜିଛନ୍ତି ବିଶ୍ୱମ୍ଭର । ପ୍ରୀତିରେ ନଥାଏ ପର । ଚିରସୁନ୍ଦର ଚିର ଆପଣାର, ପ୍ରେମମୟୀ ମୂ□ ମନେପଡେ ବାରମ୍ବାର । କାମନା ବାସନା, କାମ ସୁଖ ଛାଡି ଈଶ୍ୱର ସାଧନା କରିବାକୁ କୁହ କାହିଁ ? ଯେଉଁ କାମନାରେ ଘାଣ୍ଟି ହେବା ପାଇଁ ମୁନି ଋଷିମାନେ ଆସିଲେ ଗୋପକୁ ଗୋପି ଗୋପାଙ୍ଗନା ହୋଇ। କାହା କାମ କୁମ୍ଭ ପୁରି ନାହିଁ କୁହ ? ମୁକତି ଲଭିଛି ମାୟା ସଂସାରରୁ କହୁଥିବ ଯିଏ ଆଉନୁହଁ ଆଉନୁହଁ । କେଉଁ ସୁଖ ଲାଗି ଈଶ୍ୱର ଆସନ୍ତି ନରନାରୀ ରୂପ ହୋଇ ? କେଉଁ ଯୁଗେ କୁହ ଛାଡିଛନ୍ତି ଦେହ କାମନା ବାସନା କାମବାସନାକୁ ଦ୍ୱାହି ଦେଇ ? କାମନା ବାସନା ବିନା କି ସମ୍ଭବ ସଂସାରେ ପ୍ରୀତି ସାଧନା ? ଯେଉଁ ସାଧନାରେ ସିଦ୍ଧି ହେବା ଲାଗି ଏଇ କାମନା ବାସନା ବିନା କି ସମ୍ଭବ ସଂସାରେ ପ୍ରୀତିସାଧନା ? ପ୍ରୀତିବିନା ନାହିଁ ଅନ୍ୟପତି । ସେ ତ ମହାମନ୍ତ ଯା ବିନା ସମ୍ଭବ ନୁହଁଇ ଜୀବନ ମୁକ୍ତି । କେ କାହିଁ ଆସିବ ମରଦେହ ଧରି ମାୟା ସଂସାରକୁ, ସବୁ ମିଛ ଜାଣି ବାରମ୍ବାର ?କେଉଁ ସୁଖଲାଗି ଦୁଃଖ ଭୋଗିବାକୁ ଆସିଥାଏ ପ୍ରାଣୀ ଜୀବନ ଚକ୍ରରେ କୁହ ଜନ୍ମ ଜନ୍ମାନ୍ତର ? ଆର ଜନମକୁ ଆସିବ କି ମୋର ଭାଇ ? ପ୍ରେମଭଳି ଦିବ୍ୟ ଅନୁଭବ ବିନା ଛାଡିକି ପାରିବ ଦେହ ? ପ୍ରେମଠାରୁ ବଳି ସୁଖ ଅଛି କାହିଁ ସତକୁହ ସତକୁହ ? ପ୍ରୀତି ସାଧନାରେ ଏତେ ଶକ୍ତି ଅଛି ପାଷାଣ୍ଡ ପ୍ରେମିକ ହୁଏ । ବିନା ରୋଗ ଶୋକ ଦୁଃଖ ଦଣ୍ଡ ବିନା ଯିଏ ଅହୋରାତ୍ର କାନ୍ଦୁଥାଏ । ବ□ପାରିବିନି ଭାବଟିଏ କୁହ ପ୍ରୀତିବିନା ଅଛି କାହିଁ ? ମୁକ୍ତି, ମୋକ୍ଷ, ଜ୍ଞାନ କଥା କୁହ ଯେତେ, ପ୍ରୀତିବିନା ଯିଏ କହୁଥିବ ନାହିଁ ନାହିଁ ।

ଧନ୍ୟ ପ୍ରୀତି, ଧନ୍ୟ ପ୍ରୀତିର ଶକତି ଧନ୍ୟ ପ୍ରେମମୟ ପ୍ରଭୁ । ବିଶ୍ୱବ୍ରହ୍ମାଣ୍ଡକୁ ଧରି ରଖିଛନ୍ତି, ରଖିବେ ମାଗୁଣି, ପ୍ରାଣୀ ନିତି ପ୍ରତି ପ୍ରୀତି ଲଭୁ । ପ୍ରଣାମ । ରାମନାମଧାୟୀ, ରାମଭକ୍ତ ହନୁ ଦେଖିଥିଲେ ଯେବେ ପରମାସୁନ୍ଦରୀ ସୀତାଙ୍କୁ ଅଶୋକ ବନେ । ପ୍ରଭୁ ପତ୍ନୀ ପରି ପରମାସୁନ୍ଦରୀ ସୁଖ ଲଭିବାକୁ ଚିନ୍ତିଥିଲେ କ୍ଷଣେ ମନେ । ଏତେ ଦିବ୍ୟରତ୍ନ ଅଛି ଏ ତନୁରେ ଦେଖୁ

ଦେଖୁ ମନ ଆନନ୍ଦ ଉଚ୍ଛନ୍ନ, ଧନ୍ୟ । ଏତେ ସୁନ୍ଦର ଏ’ ଦିଶୁଛି ସୁନ୍ଦରୀ ଯାର ତନୁ ମନ ପ୍ରୀତି ଲଭିବ
ଯେ ହେବ ଚିରନ୍ତନ ଧନ୍ୟ ।
ପାଇଲେ ଏହାକୁ ପରମ ସୁଖରେ ରହନ୍ତି ଜୀବନେ ବୁଡି ଯେଉଁ ସୁଖ ଲାଗି ଆସିଛନ୍ତି ପ୍ରଭୁ ବନେ ବଇକୁଣ୍ଠ
ଛାଡି, ରାବଣ ମରଣ ଯୋଜନାରେ ପ୍ରଭୁ ଆସିଥିଲେ ଏକା ? ରାବଣ ଯେ ମରି ନଥାନ୍ତା ମୁହୂ□ନ
ଜାଣିଛି କେଉଁ ବୋକା ? ପରମାସୁନ୍ଦରୀ ଛାଡି ଆସିବାକୁ ବଳିଲାନି ତାଙ୍କ ମନ
ପୁଣି ରାବଣ ହାତରେ ଛଡାଇ ନେବାକୁ, ଉଡାଇ ନେବାକୁ କେମିତି ବଳିଲା ମନ ?
ଧନ୍ୟ ଏ ରାବଣ କେଉଁ ପୁଣ୍ୟ ଲାଗି ପ୍ରଭୁ ପତ୍ନୀ ପାଶେ ପ୍ରୀତି ଆଶାକରି ମନେ
ବିଭୋର ପ୍ରୀତିରେ ପ୍ରେମିକ ପାଲଟି ପ୍ରୀତି ନିବେଦନ କରୁଛି ଅଶୋକ ବନେ ?
କାହିଁ କେତେ ଦୂର ଦଣ୍ଡିବାକୁ ଆସି ଦେଇଛି ଏଠାରେ ଦିବ୍ୟ ଅଶୋକ ବନର ଦଣ୍ଡ
ପ୍ରଭୁପତ୍ନୀ ପ୍ରୀତି ସୁଧା କାଣିକା’କେ ମାଗିଛି ସଂସାରେ ? ଏ ମାଗୁଛି ପ୍ରୀତି ଭାଣ୍ଡ ।
ବିଶ୍ରବା ଋଷିଙ୍କ ରକ୍ତ ମାଂସ ଇଏ, ସ୍ୱର୍ଗରାଜ୍ୟ ଜିଣି ଆଣିଛି ଯାହାଙ୍କୁ ହରି,
ଦଣ୍ଡଦେବ କଣ ? ରଖିଛି ଯତନେ ଏତେ ଗୋପନରେ ପ୍ରୀତି ମାଗୁଛି ଏ କେତେ ଅଭିନୟ କରି ।
ବଳାତ୍କାର କରି ଲଭିବାକୁ ପ୍ରାଣେ ଲାଗନ୍ତା ବା କେତେ କ୍ଷଣ ?
ନକରି ନିମିଷେ ପ୍ରୀତିସାଧନାରେ ପରମାସୁନ୍ଦରୀ ପ୍ରୀତିଲଭିବାକୁ କରିଛି କେମିତି ପଣ ?
ସ୍ୱର୍ଗର ନନ୍ଦନ କାନନଠୁ ବଳି ଅଶୋକ ବନର ଶୋଭା
ସ୍ୱର୍ଣ୍ଣଲଙ୍କା ମଧ୍ୟେ ଏତ ସ୍ୱର୍ଗପୁରୀ ଦେବେ ଅଗୋଚର ଯାର ପ୍ରଭା ।
ରାଣୀ ମହାରାଣୀ ମେଳେ ଏ ସଂସାରୀ ଭୋଗିବାକୁ କେଉଁ ସୁଖ ?
ନରଖି କାହାକୁ ଅଶୋକ ବନରେ ରଖିଛି ଏହାଙ୍କୁ ଲଭିବାକୁ ପ୍ରୀତିସୁଖ ।
କେତେ ମିଠା କଥା, ମିଥ୍ୟା ଅଭିନୟ ଜିଣିବାକୁ ହୃଦ କରୁଛି ଏ ପ୍ରତିଦିନ
ଆଚମ୍ବିତ ଲାଗେ ବୁଝିପାରୁନାହିଁ ଏ କେଉଁ ଜନମରେ କରିଥିଲା ଏତେ ପୁଣ୍ୟ ?
ମର୍କତ ଜୀବନେ ମାଗିନାହିଁ କିଛି ରାମନାମ ସୁଖ ଧ୍ୟାନ
ବଣ ଜଙ୍ଗଲରେ ମୁନିଋଷି ପରି ରହିଲି ବନରେ, ମୁଁ କାହୁଁ ଜାଣିବି ପ୍ରୀତିସୁଖ ପ୍ରୀତିପୁଣ୍ୟ
ସ୍ୱର୍ଗସୁଖ, ସ୍ୱର୍ଗଠାରୁ ସୁଖ ଅଛି ଜାଣି ଏ ପ୍ରୀତିରେ ରହିଛି ବିଭୋରେ ବୁଡି
ଏତେ ପୁଣ୍ୟବଳ ଅଛିକି ମୋହର ମାଗିଲେ କି ଆଉ ଆସିବେକି ପ୍ରଭୁ ମ□ବଇକୁଣ୍ଠ ଛାଡି ।
ଦୁଃଖ ଲାଗେ ଏତେ ସୁଖ ଭୋଗୁଛି ଏ ରାକ୍ଷସ ରାବଣ ଏଠି,
ମୁଁ କଣ ଅଧମ ହୋଇଛି ଏହାଠୁ ? ଖଟୁଛି ଯାହାଙ୍କ ନାମଧ୍ୟାନ ପଦ ବେଠି ?
ଧନ୍ୟ ପ୍ରଭୁ ଧନ୍ୟ ଆସିଥିଲେ ଧରାଧାମକୁ ଆନନ୍ଦେ, ଧନ୍ୟ ପ୍ରୀତିପ୍ରାଣ ରାଧା ଲାଗି ।
ପ୍ରିୟତମା ପତ୍ନୀ, ପ୍ରେମିକ ପାଲଟି, ପରମ ପ୍ରୀତିରେ ମାଗୁଥିଲେ ପ୍ରୀତି ଯୋଗୀ । ପ୍ରଣାମ ।।

କା□ରାଜା ସଲଖରେ ନାହିଁ ନକରି ଯେମିତି କୁନ୍ଥେଇ କରି ନାହିଁ କରିଛନ୍ତି ସେଠାରେ ବିବାହ ଅସମ୍ଭବ । ଆକାଶରୁ ତାରା ତୋଳିବା ପରି । ମହାଭାରତରେ ଲାଖ ବିନ୍ଧିବାକୁ ରାଜା ଦ୍ରୁପଦ ସିନା ଚଣ୍ଡାଳ ବ୍ରାହ୍ମଣକୁ ସୁଯୋଗ ଦେଇଥିଲା ଏଠାରେ ରାଜା, ରାଜାକୁ ଚଣ୍ଡାଳ କରିଦେଇଛି । ପୃଥିବୀରାଜ ପ୍ରେମିକକୁ କାଠମୂର୍ତ୍ତି କଲାପରି । ରାଜା "ଚଣ୍ଡାଳ ଶବ୍ଦଟିଏ" ନୁହଁ "ଚଣ୍ଡାଳ ମଣିଷଟିଏ" ଯିଏ ପ୍ରେମ କରି ଚଣ୍ଡାଳ କାର୍ଯ୍ୟ କରିଛନ୍ତି । ଘୃଣା କରିଛନ୍ତି , ପାଖରେ ଥିଲେ ଚପଲରେ ପିଟି ଚମଡା ଉ□ରି ଦେଇଥାନ୍ତେ । ମୃତ୍ୟୁ ତ ....ମ....ଶବ୍ଦଟିଏ। ଚଣ୍ଡାଳ ରାଜା ସହିତ ପରମା ସୁନ୍ଦରୀ ରାଜକୁମାରୀ ପଦ୍ମବତୀଙ୍କ ବିଭାଘର ଅସମ୍ଭବ । ଏହି ଶବ୍ଦ ପୁଞ୍ଜର ପୀଡା ବଜ୍ରଠାରୁ ଅଧିକ ବେଦନା ଦାୟକ ଥିଲା । ପ୍ରେମିକ ପୁରୁଷ ପୁରୁଷୋ□ମଙ୍କ ପାଇଁ । ଦୂତଠାରୁ ଏହା ଶୁଣି ସେ ଯେମିତି ଭାଙ୍ଗିପଡିଥିଲେ । ଚରମ ଅପମାନରେ ଭୂଇଁ ସାଉଁଟୁ ଥିଲେ । ପ୍ରେମର ପୀଡାକୁ ସହିବା ଯେମିତି କଷ୍ଟଦାୟକ ସେମିତି ପ୍ରେମମୟୀର ଅହିଂସା ନିର୍ଯ୍ୟାତନାକୁ ଜୀବନସାରା ବହିବା ଅସମ୍ଭବ ! ଏହି ଅପମାନ ରାଜାଙ୍କୁ ନୁହେଁ ଯେମିତି ଏ ଓଡିଆ ଜାତିକୁ ଦାରୁଣ ଅପମାନ । ଏ ଜାତିର ଆରାଧ୍ୟ ଦେବତା, ଭାଗ୍ୟ ବିଧାତାଙ୍କର ପରମପ୍ରିୟ ସେବକ କଣ ଚଣ୍ଡାଳ ? ଏହା'ତ ଏ ଜାତିର ଯୁଗ ଯୁଗର ପରମ୍ପରା । ସମ୍ଭବତଃ କା□ରାଜ ଅହଙ୍କାରରେ ଅଜ୍ଞାନ, ଅନ୍ଧ ହୋଇଯାଇଥିଲେ । ଏ ଜାତିର ରଜା, ପ୍ରଜା, ପ୍ରଭୁଙ୍କୁ ଏ ଅପମାନ ବଡ ଅସହ୍ୟ ସେ ଅପମାନ ସେ ଅନୁଭବ । ବଡ ଅସମ୍ଭାଳ ସେ ପୀଡା । କେଉଁ ଜାତି ସମ୍ଭାଳିବ ସେ ପୀଡା ? କେଉଁ ରାଜା ସମ୍ଭାଳିବ ସେ ବେଦନା ? ପୁଣି ଯୁଗଯୁଗକୁ କଥା ରହିଯିବ । ମଥା କଟିଯିବ । ମୁଣ୍ଡଟେକି ଚାଲିବାର ଗୌରବ ହଜିଯିବ । ପ୍ରେମିକ ଯୁବରାଜ ପ୍ରେମ ନିବେଦନକରି କଣ ବା ଅପରାଧ କରିଥିଲେ ? ବିଧିବଦ୍ଧ ପଠାଇଥିଲେ ଦୂତ । "ନାହିଁ" କରିଥିଲେ ରାଜମର୍ଯ୍ୟାଦା ବୃଦ୍ଧି ପାଇଥାନ୍ତା । ଏପରି ନ କହି "ଚଣ୍ଡାଳ" କହି ସେ ଯେପରି ନିଜର ସମ୍ମାନକୁ ଧୂଳିସାତ୍ କରିଛନ୍ତି ସେମିତି ଅପମାନିତ କରି ନିଜର ଅହଙ୍କାର, ଶକ୍ତିର ପ୍ରଦର୍ଶନ କରିଛନ୍ତି ।

"ଚଣ୍ଡାଳ"ଶବ୍ଦଶକ୍ତିର ପୀଡା ଯେମିତି ହଠାତ୍ ସୁପ୍ତ ଏ ଜାତିର ଚେତନାକୁ ଚମକାଇ ଦେଲା । ଚେତନାରେ ଚେତନାରେ ବହ୍ନିଶିଖା ଭଳି ବ୍ୟାପିଗଲା ଏହାକୁ ପୀଡାକୁ ପୁଣି ପ୍ରୀତିଶକ୍ତିର ପରିଚୟ ଲାଗି ଜୀବନ ମରଣର ପଣ ପ୍ରାଣରେ ପ୍ରାଣରେ ଯାହାର ସମାଧାନ ଲାଗି ବାଜିଉଠିଲା ରଣ ଭେରୀ, ଗର୍ଜିଉଠିଲା ରଣ ଦୁନ୍ଦୁଭି, ନାଚି ଉଠିଲା ରଣ ତରଣ । ରଣଭୂମିରେ ରଣହୁଙ୍କାର । ପ□ଦଶ ଶତାବ୍ଦୀରେ ଏଇ "ପ୍ରେମଯୁଦ୍ଧ" ଥିଲା ଏ ଜାତିର ଜାତୀୟ ଜୀବନରେ ଭୟାବହ ପ୍ରାଣଘାତକ ଯୁଦ୍ଧ । ସ୍ୱାଧୀନତା ଲାଗି ଇତିହାସ ସୃଷ୍ଟି କରିଥିଲେ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସ୍ୱାଧୀନତା ଯୁଦ୍ଧ ପ୍ରେମଲାଗି ଓ ପ□ଦଶ ଶତାବ୍ଦୀର ପ୍ରେମଯୁଦ୍ଧ 'ସମ୍ମାନଲାଗି' ଥିଲା ଏ ଜାତିର ଚରମତ୍ୟାଗ, ବଳିଦାନର ମହାଯୁଦ୍ଧ ।

"ଚଣ୍ଡାଳ" ଶବ୍ଦରେ ଯେମିତି ପୀଡିତ ପରାହତ ହୋଇଥିଲେ ପୁରୁଷୋ□ମ, ପ୍ରେମଲାଗି ସେମିତି ନିଜକୁ ନ୍ୟୁନ ଅକି□ନ, ଅସହାୟ, ଅପମାନିତ ମନେ କରୁଥିଲେ । ହଠାତ୍ ରାଜ୍ୟସାରା ଚହଳ

ପଡିଗଲା ଏହାର ଶବ୍ଦ ପ୍ରତିଶବ୍ଦରେ । ଯେଉଁମାନେ ଉପହାସ କରୁଥିଲେ "ପୁଅ ପ୍ରେମ କରୁଛି"ପୁଅ ପ୍ରେମରେ ପଡିଛି ! ରାଜା ହୋଇ ଏତେ କଣ ଗୋଟେ ପ୍ରେମ ? ପ୍ରଣାମ ।

---------------------------------------